SECRETARIAT
OF
THE ODISHA LEGISLATIVE ASSEMBLY
****

No. 5389 /L.A.,
Bhubaneswar, dated the 15-09-20

From

Smt. B.Pattanayak,
Under Secretary & P.I.O.

To

Geetika Mishra,
1886, 2nd Floor, 5th main 8th cross,
New Thippasandra,
Bangalore-560075, Karnataka.
Phone-8130758749.

Sub:- Furnishing of information under R.T.I. Act,2005.

**Madam,**

With reference to your application dt.20.05.2020 addressed to the undersigned for furnishing of information under R.T.I. Act, 2005 regarding Assembly Debates on Odisha Prevention of dangerous Activities, I am directed to send herewith information sought for(40 pages), for information and necessary action. Hard copy will be provided on payment of charges @ Rs.2/-per page including postal charge for speed post.

Yours faithfully,

B.Pattanayak
15.9.20

Under Secretary & P.I.O.

HOUSE PROCEEDING DT. 08.04.1993



ମୁଁ ଯଦି ସାମ୍ବାଦିକଙ୍କ ଭଳି ଗର୍ହିତ କାର୍ଯ୍ୟ କରିଥାଏ ଏ ଗୃହର ମାନ୍ୟବର ସଦସ୍ୟ ମାନେ ଆହ୍ୱାନ କରିପାରିବେ । ତାଙ୍କର ଅଧିକାର ଅଛି ।

(Interruptions)

Mr. SPEAKER : ଯେଉଁମାନେ ମୋ ସହିତ କଥା-ବାର୍ତ୍ତା କରିବାକୁ ଚାହାଁନ୍ତି ସେମାନେ ମୋ ସହିତ କଥାବାର୍ତ୍ତା କରିବା ପାଇଁ Chamberକୁ ଆସନ୍ତୁ । ଗୃହର କାର୍ଯ୍ୟ 1 ଘଣ୍ଟା ପାଇଁ ବନ୍ଦ ରହିଲା । (Uproar) ମୁଁ କିଛି ଶୁଣିପାରୁନାହିଁ । ମାନ୍ୟବର ବିଧାୟକମାନେ ଏକ ବିଧାୟକ, ମୁଁ ବର୍ତ୍ତମାନ କାହାକୁ କହିବାକୁ ଦେବିନାହିଁ । ସାମ୍ବାଦିକଙ୍କ ସ୍ୱାଧିକାର କ୍ଷୁର୍ଣ୍ଣ ହେଲେ ଗୃହର ସ୍ୱାଧିକାର କ୍ଷୁର୍ଣ୍ଣ ହେବ ଓ ଗୃହର ସ୍ୱାଧିକାର କ୍ଷୁର୍ଣ୍ଣ ହେଲେ ସାମ୍ବାଦିକଙ୍କର ସ୍ୱାଧିକାର କ୍ଷୁର୍ଣ୍ଣ ହେବ । ସେଥିପାଇଁ ଏପ୍ରକାର କାର୍ଯ୍ୟ କରିବାକୁ ମୁଁ ଦେବିନାହିଁ । ବର୍ତ୍ତମାନ Businessକୁ ଆସନ୍ତୁ, ଅପରାହ୍ନ ଅଧିବେଶନରେ ଏ ସଂପର୍କରେ ଆପଣମାନେ ଯଦି ଆଲୋଚନା କରିବାକୁ ଚାହାଁନ୍ତି ଗୃହର ସମ୍ମତିକ୍ରମେ ଏ ବିଲ୍ ପାସ୍ ହୋଇଗଲାପରେ ମରୁଛି ଆଲୋଚନା ପୂର୍ବରୁ 15/20 ମିନିଟ୍ ଆଲୋଚନା ଗୃହର ସମ୍ମତି ନେଇ କରିବେ । ବର୍ତ୍ତମାନ କାର୍ଯ୍ୟକ୍ରମକୁ ଯାଉଛି ।

(Mr. Deputy Speaker in the Chair)

ଶ୍ରୀ ଦୁର୍ଯ୍ୟୋଧନ ପଣ୍ଡା : Mr. Deputy Speaker Sir, I appeal to you ବର୍ତ୍ତମାନ ସ୍ଥଗିତ ରଖନ୍ତୁ । ବହୁତ ସମୟ ହୋଇଗଲାଣି । ଲଞ୍ଚ ପରେ ଆଲୋଚନା ହେବ ।

(Interruptions)

ଶ୍ରୀ ରଘୁନାଥ ପଟ୍ଟନାୟକ : Deputy Speaker Sir, clause 1ରେ ମୁଁ amendment ଦେଇଛି, on clause I the following sentence be added, "and shall come into force on such date as will be notified by the Government."

ସାର୍ ମୁଁ ଏହା କହିବାର କାରଣ ଆପଣ ଦେଖିବେ ଏ ଗୃହରେ ଯେଉଁ Orissa Government Land Settlement ଆଇନ୍ କଲୁ ସେଥିରେ ଗ୍ରାମକଣ୍ଠ ପରମ୍ପୁକ ଜମି ରହିଛି ତାର settlement କରାଯିବ, ସାର୍, ଏ ଯେଉଁ ଆଇନ୍ କରାଗଲା ତାହା କେବେ କାର୍ଯ୍ୟକାରୀ କରାଯିବ ତାହା ସ୍ପଷ୍ଟ ହୋଇନଥିଲା । ସରକାର ଏପର୍ଯ୍ୟନ୍ତ ତାକୁ ମଧ୍ୟ କାର୍ଯ୍ୟକାରୀ କରନାହାନ୍ତି । ଆଇନ୍ ହେଲା ସେ ସବୁ ପରମ୍ପୁକ ଜମି ରହିଛି ତାହା ଲୋକଙ୍କ ନାମରେ settlement କରାଯିବ, ଓଡ଼ିଶାରେ ଯେତେ ଅନାବାଦି ଜମି ଅଛି ତାକୁ ଲୋକଙ୍କ ନାମରେ settlement କରାଯିବ । ଆଇନ୍ ହେଲା କିନ୍ତୁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଗଲା ନାହିଁ । So, the date will be notified by the Government, otherwise it will lie in the Cold Storage of the Revenue Department. ସେହେତୁ ମୁଁ ଆଶାକରେ ମାନ୍ୟବର ମନ୍ତ୍ରୀ ଏହାକୁ ଗ୍ରହଣ କରିବେ ।

ଶ୍ରୀ ସୁରେନ୍ଦ୍ର ନାଥ ନାୟକ (ମନ୍ତ୍ରୀ) : ମାନ୍ୟବର ଜୟପୁରର ସଦସ୍ୟ ଯେଉଁ ପ୍ରଶ୍ନ ଉଠାଇଲେ ଖାସମହାଲ ଜମି ବାବଦରେ, ଏ ଗୃହରେ ଆଇନ୍ ପାସ୍ ହୋଇଥିଲେ ମଧ୍ୟ ସେଥିରେ କେତେଗୁଡ଼ିଏ ଅସୁବିଧା ଥିଲା । Rule ହେବାରେ ମଧ୍ୟ ଡେରି ହେଲା, ସେ Rule ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ । ଏ ବିଲ୍ ପାସ୍ ହେଲାପରେ ଏକମାସ ଭିତରେ notification ହେବ, ମୁଁ ଏକଥା ଏଗୃହରେ ପ୍ରତିଶ୍ରୁତି ଦେବାକୁ ଚାହେଁ । ବିଶେଷ କରି ଏ ବିଲ୍ ସଂପର୍କରେ ମାନ୍ୟବର ସଭ୍ୟମାନେ ଯାହାସବୁ କହିଛନ୍ତି Rule କଲାବେଳକୁ ସବୁ କଥାକୁ ଉର୍ଜମା କରି ଆବଶ୍ୟକ ପଦକ୍ଷେପ ନିଆଯିବ । ସେଥିରେ ସନ୍ଦେହ ପ୍ରକାଶ କରିବାର କୌଣସି କାରଣ ନାହିଁ ।

Mr. DEPUTY SPEAKER : Hon'ble member Shri Raghunath Patnaik are you intending to withdraw your amendment ?

Shri RAGHUNATH PATNAIK : I will withdraw it.

Mr. DEPUTY SPEAKER : With the leave of the House amendment is withdrawn. Now the question is that clause I do stand part of the Bill. The motion was adopted and clause 1 was added to the Bill.

Now the question is that short title preamble and enacting formula do stand part of the Bill.

The motion was adopted and short title, preamble and enacting formula were added to the Bill.

Shri SURENDRA NATH NAYAK (Minister) : Sir, I beg to more that the Bill be passed.

Mr. DEPUTY SPEAKER : The question is that the Orissa Land Reforms (Amendment) Bill, 1993 be passed.

The Motion was adopted and the Bill passed.

ଏ ଗୃହର କାର୍ଯ୍ୟ ଆଜ ଅପରାହ୍ନ 3ଘଣ୍ଟା 6ମିନଟ୍‌କୁ ମୁଲତବୀ ରହିଲା ।

( The House reassembled at 3-06 P. M. )
( Mr. Deputy Speaker in the Chair ).

(ii) The Orissa Prevention of Dangerous Activities of Communal Offenders, Bill, 1993.

THE PUBLIC INFORMATION OFFICER
Public Information Officer
Odisha Legislative Assembly

Mr. DEPUTY SPEAKER: On behalf of the Chief Minister Hon'ble Minister for Parliamentary Affairs to move.

ଶ୍ରୀ ବିଜୟ ମହାପାତ୍ର (ମନ୍ତ୍ରୀ) : Sir I beg to move that the Orissa Prevention of Dangerous Activities of Communal Offenders Bill, 1993 be taken into consideration.

Deputy Speaker Sir, ଏ ବିଲ୍ ସମ୍ପର୍କରେ ମୁଁ କିଛି ସମ୍ୟକ ଧାରଣା ଦେବାପାଇଁ ଚାହେଁ । ମାନ୍ୟବର ସଭ୍ୟମାନେ ଆଲୋଚନା କଲାବେଳେ clausewise ଆଲୋଚନା କରିବେ । ମୁଁ କେବଳ କେତୋଟି କଥା ମାନ୍ୟବର ସଭ୍ୟଙ୍କ ଅବଗତି ପାଇଁ ଜଣାଇ ଦେବାକୁ ଚାହେଁ । ଏ ଗୃହରେ ଗୋଟିଏ ବିଲ୍ ଆଗତ ହୋଇଥିଲା, ସେ ହେଉଛି The Orissa Prevention of Anti-Social Communal and Dangerous Activities Bill, 1992 ଯେଉଁଟା ଏ ଗୃହରେ Select Committee କୁ ପଠାଇଥିଲା । Select Committee ରେ ସେ ବିଲ୍ ଏ ପର୍ଯ୍ୟନ୍ତ ଅସଂପୂର୍ଣ୍ଣ ଅବସ୍ଥାରେ ଅଛି । ଆଲୋଚନା ସମାପ୍ତ ହୋଇନାହିଁ । ମାନ୍ୟବର ସଭ୍ୟମାନେ ଯେଉଁମାନେ ସେ Select କମିଟିରେ ସଭ୍ୟ ଅଛନ୍ତି ସେମାନଙ୍କର ବି ସ୍ମରଣ ଥିବ । Select କମିଟିରେ ମାନ୍ୟବର ସଭ୍ୟମାନେ କେତେକ clarification ଚାହିଁଥିଲେ, ସେତେବେଳେ ମୁଁ କହିଥିଲି ସେ ସମସ୍ତ ତଥ୍ୟ ସଂଗ୍ରହ କରିବାପାଇଁ ଏବଂ ସେ ସମ୍ପର୍କରେ ସୁଚିନ୍ତିତ ମତାମତ ନେବାପାଇଁ Select କମିଟି କିଛି ସମୟ ମାଗିଛନ୍ତି । ସେ ସମୟ ହେଉଛି ଆସନ୍ତା ବିଧାନ ସଭା ଅଧିବେଶନ ପର୍ଯ୍ୟନ୍ତ । କିନ୍ତୁ ତା ପୂର୍ବରୁ Orissa Prevention of Dangerous Activities of Communal Offenders Bill ସରକାର ଏ ଗୃହରେ ବର୍ତ୍ତମାନ ଆଗତ କରିଛନ୍ତି । ଏଇଥିପାଇଁ ମାନ୍ୟବର ସଭ୍ୟମାନେ ସମସ୍ତେ ଜାଣନ୍ତି କେବଳ ଓଡ଼ିଶାକୁ ନୁହେଁ ଯଦି ସାରା ଦେଶର ଚିତ୍ରକୁ ଆମେ ହିସାବକୁ ନେବା ତାହେଲେ ଓଡ଼ିଶା, ସାମ୍ପ୍ରଦାୟିକ ବିଶୃଙ୍ଖଳା କ୍ଷେତ୍ରରେ ସବୁଠାରୁ ଶାନ୍ତିପ୍ରିୟ ରାଜ୍ୟ । ତଥାପି ଏ ଦେଶରେ ଏକ ସାମ୍ପ୍ରଦାୟିକ ଶକ୍ତି ମୁଣ୍ଡ ଟେକୁଛି । ସେଇ ସାମ୍ପ୍ରଦାୟିକ ଶକ୍ତିକୁ ମୁକାବିଲା କରିବାପାଇଁ ରାଜ୍ୟର ତଥା ସାରା ଦେଶର ବୃହତ୍ତର ସ୍ୱାର୍ଥ ଓ ନିରାପତ୍ତା ଦୃଷ୍ଟିରୁ ଏପରି ଏକ ଆଇନର ଯଥେଷ୍ଟ ଗୁରୁତ୍ୱ ରହିଛି । ଏହାକୁ ଦଳମତ ନିର୍ବିଶେଷରେ ମାନ୍ୟବର ସଭ୍ୟମାନେ ଏ ଗୃହରେ ସମ୍ମତି ଜଣାଇବେ । ଅତୀତରେ ଯେତେବେଳେ ଆଲୋଚନା ହୋଇଛି ସେତେବେଳେ ସମ୍ମତି ଜଣାଇଛନ୍ତି । ଦେଶ ଭାଗ ଭାଗ ନ ହେଉ, ଦେଶରେ ଶାନ୍ତି ଶୃଙ୍ଖଳା ବିଭିନ୍ନ ସଂପ୍ରଦାୟ ଭିତରେ ବଜାୟ ରହୁ । କାରଣ ଆଜି କିଛି ଅସାମାଜିକ ବ୍ୟକ୍ତି ଯେଉଁମାନେ ବିଶୃଙ୍ଖଳା ସୃଷ୍ଟି କରିବାପାଇଁ ଉଦ୍ୟମ କରନ୍ତି ଓ କରିଆସିଛନ୍ତି ସେମାନଙ୍କୁ ଦୃଢ଼ହସ୍ତରେ ଦମନ କରିବାପାଇଁ ହେଲେ ରାଜ୍ୟରେ ଏକ ସ୍ୱତନ୍ତ୍ର ଆଇନ ଆବଶ୍ୟକ ରହିଛି । ଏହି ଆଇନ ଏ ଗୃହରେ ଅନୁମୋଦନ ପାଇଁ ଅଣାଯାଇଛି । 1984 ମସିହାରେ ଭାରତବର୍ଷର କେବଳ ଆନ୍ଧ୍ର ଦେଶରେ ଏଭଳି ଏକ ଆଇନ ପ୍ରଚଳନ ହୋଇଥିଲା । 1984 ମସିହାପରେ ସାରା ଦେଶର ଚିତ୍ର ବଦଳି ଯାଇଛି । ଆମ ରାଜ୍ୟର ଚିତ୍ର ବି ବଦଳିଯାଇଛି । ଘରୋଇ ବିଭାଗର ଖର୍ଚ୍ଚ ଦାବି ସମୟରେ ଓ ଅନ୍ୟାନ୍ୟ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏ ଗୃହରେ ବିବୃତ୍ତି ରଖିଥିଲେ ଯେ ଯଦି ସାମ୍ପ୍ରଦାୟିକ ଶକ୍ତିକୁ ଦମନ କରି ନ ପାରିବା ଏବଂ ଏଥିପାଇଁ ଯଦି ଏକ ସ୍ୱତନ୍ତ୍ର ଆଇନର ବ୍ୟବସ୍ଥା ନକରୁ ହୁଏତ ଦେଶରେ ଏକ ଚରମ ବିଶୃଙ୍ଖଳିତ ପରିସ୍ଥିତି ଉପୁଜିବ । ସେଥିପାଇଁ ଆଜି ଏ ଆଇନ ଗୃହକୁ ଆସିଛି । ଏଠି ପ୍ରଶ୍ନ ଉଠିପାରେ ଯେ ପ୍ରଚଳିତ ଆଇନର ଧାରା ସାମ୍ପ୍ରଦାୟିକ ଶକ୍ତି, ବ୍ୟକ୍ତି ବା ଯେ କୌଣସି ଅସାମାଜିକ ବ୍ୟକ୍ତିଙ୍କୁ ଦମନ ବା ମୁକାବିଲା କରିବାପାଇଁ ସକ୍ଷମ ହେଉଛି କି ନାହିଁ ? ମୁଁ ଏ ସମ୍ପର୍କରେ କହିବାପାଇଁ ଚାହେଁ National Security Act ଭାରତ ସରକାରଙ୍କର ଏକ ଆଇନ, ଏହାକୁ ସମସ୍ତ ରାଜ୍ୟମାନେ ଗ୍ରହଣ କରିଛନ୍ତି । ଏ Act 1980 ମସିହାରେ ପ୍ରଣୀତ ହୋଇଥିଲା । ପରବର୍ତ୍ତୀ ଅବସ୍ଥାରେ ତା'ର amendment ହୋଇଥିଲା । ବର୍ତ୍ତମାନ ସେ ଆଇନ ବଳବତ୍ତର ରହିଛି, ତା ସତ୍ତ୍ୱେ ବି Communal Offenders ମାନଙ୍କୁ deal କରିବାପାଇଁ ଏକ ସ୍ୱତନ୍ତ୍ର ଆଇନର ଆବଶ୍ୟକ ରହିଛି । ମାନ୍ୟବର ସଭ୍ୟମାନେ ଆଲୋଚନା କଲାବେଳେ National Security Act ର Provision ଭିତରକୁ ଆସିବାପାଇଁ ମୁଁ ଅନୁରୋଧ କରିବି । National Security Act ର ବହୁତ Provision ଆମର ଏ ଯେଉଁ ନୂଆ ଆଇନର ଅନ୍ତର୍ଭୁକ୍ତ କରାଯାଇଛି । ଆନ୍ଧ୍ର ପ୍ରଦେଶରେ କିଛି ଆଇନ କରିଛନ୍ତି । ଖାଲି ଆମେ କରୁଛୁ ସେକଥା ନୁହେଁ । ଏ ସମସ୍ତ କଥାକୁ ଆଖି ଆଗରେ ରଖି ଏକ ପୂର୍ଣ୍ଣାଙ୍ଗ ଆଇନ ଏ ଗୃହକୁ ଆଣିଛୁ । କେତୋଟି ନୂଆ ବ୍ୟବସ୍ଥା ମୁଁ ମାନ୍ୟବର ସଭ୍ୟମାନଙ୍କୁ ଜଣାଇବି ଏବଂ ଏ କଥା ଗୃହ ଆଗରେ ରଖିବାକୁ ଚାହେଁ ଯେ ଯେଉଁମାନେ definitionକୁ ଲକ୍ଷ୍ୟ କରିବେ Sub-clause 2 of Article 505 of Cr. P. C କୁ ଉଦ୍ଧାର କରାଯାଇଛି । ମୁଁ ଏଇଥିପାଇଁ ଉଲ୍ଲେଖ କରିବାକୁ ଚାହେଁ ଯେ କଟକ ସହରରେ ଗତ କିଛିଦିନ ତଳେ ଏକ ବିଭିନ୍ନ ସମୟରେ ସାମ୍ପ୍ରଦାୟିକ ଶକ୍ତି ଅତି ବିଶୃଙ୍ଖଳିତ ହୋଇ ଉଠିଛନ୍ତି । ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବାପାଇଁ ଉଦ୍ୟମ କରାଯାଉଛି ଓ ବିଭିନ୍ନ ସମୟରେ କୁ ପ୍ରଚାରର ଶିକାର ସାଧାରଣ ଲୋକ ଓ ସରକାର ଲୋକ ହୋଇଥାନ୍ତି । ତେଣୁ ଏହି ନୂଆ Provisionକୁ ତା ଭିତରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ କିଛି ମାନ୍ୟବର ସଭ୍ୟ amendment ଦେଇଛନ୍ତି । ମୁଁ ସେମାନଙ୍କୁ ନିବେଦନ କରିବି ଏ ବିଲ୍ ରେ ଗୁରୁତ୍ୱକୁ ବିଚାର କରି ଜାଣନ୍ତୁ ନିରାପତ୍ତା ଦୃଷ୍ଟିରୁ ସାମ୍ପ୍ରଦାୟିକ ଶୃଙ୍ଖଳା ରକ୍ଷା କରିବାରେ ଯେପରି ଆମ ରାଜ୍ୟ ସମଗ୍ର ଭାରତ ବର୍ଷରେ ଅଗ୍ରଗଣ୍ୟ ରାଜ୍ୟହୋଇ ରହିବ ସେଥିପାଇଁ ଏହି ଆଇନ ଅନୁମୋଦନ କରିବା ଦରକାର । ଯେହେତୁ ଏ ଆଇନକୁ ପ୍ରଥମଥର ଆମ ରାଜ୍ୟରେ ଆଣିଛୁ ସେ ଦିଗରେ ବିଚାର କରି ଏ ଆଇନକୁ ନିଆଯାଉ । ମାନ୍ୟବର ସଭ୍ୟମାନେ ଯେତେବେଳେ ଆଲୋଚନା କରିବେ ଅଧିକ ସମୟ ନେବେନାହିଁ । ମୁଁ ଯେଉଁ କଥା କହିଲି N. S. A. ଏବେ ବି ବଳବତ୍ତର ରହିଛି । ତା ସତ୍ତ୍ୱ ଏ ଆଇନର ଆବଶ୍ୟକତାକୁ ମାନ୍ୟବର ସଭ୍ୟମାନେ ହୃଦୟଙ୍ଗମ କରିବେ ଏବଂ ଗ୍ରହଣ କରିବେ । ମୁଁ ଆଶାକରିବି ମାନ୍ୟବର ସଭ୍ୟମାନେ ଏହି ଆଇନ ପ୍ରତି ସେମାନଙ୍କର ସମର୍ଥନ ଜଣାଇବେ ।

OFFICE OF THE PUBLIC INFORMATION OFFICER
Public Information Officer
...islative Assembly

Shri RADHAKANTA SETHI: Deputy Speaker Sir, that "The Orissa Prevention of Dangerous Activities of Communal Offenders Bill, 1993" be referred to Select Committee consisting of the following members with instructions to submit its report by the 1st week of the next session :—

| | | | |
|---|---|---|---|
| 1. | Minister, Parliamentary Affair, | .. | Chairman |
| 2. | Shri Ramakrushna Patnaik, M. L. A. | .. | Member |
| 3. | Shri Ajaya Kumar Jena, Government Chief Whip. | .. | Member |
| 4. | Shri Radhakanta Sethi, M. L. A. | .. | Member |
| 5. | Shri Raghunath Mohanty, M. L. A. | .. | Member |
| 6. | Shri Nityananda Pradhan, M. L. A. | .. | Member |
| 7. | Shri Rajendra Singh, M. L. A. | .. | Member |
| 8. | Shri Raghunath Patnaik, M. L. A. | .. | Member |
| 9. | Shri Panchanan Mishra, M. L. A. | .. | Member |
| 10. | Shri Chitaranjan Sarangi, M. L. A. | .. | Member |
| 11. | Shri Uma Ballav Rath, M. L. A. | .. | Member |
| 12. | Shri Ranendra Pratap Swain, M. L. A. | .. | Member |

ସାର, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ତରଫରୁ ମାନ୍ୟବର ପାର୍ଲାମେଣ୍ଟ ଆଫେୟାର୍ସ ମିନିଷ୍ଟର୍ ଏହି ବିଲ୍ ଆଣି ସେ ସମ୍ପର୍କରେ ଯାହା କହିଲେ ଆମେ ସେଥିରେ ଏକ ମତ । ସାମ୍ପ୍ରଦାୟିକତା ଶକ୍ତିକୁ କିପରି ପରାହତ କରାଯିବ ସେଥିପାଇଁ ଏ ଗୃହରେ ବାରମ୍ବାର ସର୍ବସମ୍ମତ ପ୍ରକାଶ ପାଇଛି । ସେ ସମ୍ପର୍କରେ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏ ବିଲ୍ ଶେଷ ମୁହୂର୍ତ୍ତରେ ଆସିଛି । ଆଜି ଯେଉଁ ସାମ୍ପ୍ରଦାୟିକତା ଶକ୍ତି ଦେଖାଦେଇଛି ତାହା ଆଜି କିମ୍ବା କାଲି କିମ୍ବା 2/3 ଦିନ ତଳେ ଉତ୍ଥାପନ ହୋଇନାହିଁ । ଯଦି ସରକାର ଚାହିଁଥାଆନ୍ତେ କିଛି ଆଗରୁ ଏ ବିଲ୍ ଆଣିପାରିଥାଆନ୍ତେ ଏବଂ ସେ ସମ୍ପର୍କରେ ବିଚାର ହୋଇପାରିଥାଆନ୍ତା । ମାନ୍ୟବର Speakerଙ୍କର ତଥା Chairର discretion ରହିଛି ଯେ ସେ 7 ଦିନ ସମୟ ଦେଇ ବିଲ୍‌କୁ ଆଲୋଚନା କରିବାପାଇଁ ଅନୁମତି ଦେଇପାରିବେ । ଯଦି 7 ଦିନ ପୂର୍ବରୁ ଏହି ବିଲ୍‌କୁ ମାନ୍ୟବର ସଭ୍ୟମାନଙ୍କୁ ଯୋଗାଇ ଦିଆଯାଇଥାଆନ୍ତା ତା' ହେଲେ ମାନ୍ୟବର ସଭ୍ୟମାନେ ସେହି ବିଲ୍‌କୁ ଭଲଭାବରେ ପରୀକ୍ଷା ନିରୀକ୍ଷା କରି ତାହା ଉପରେ ଭଲଭାବରେ ଆଲୋଚନା କରିପାରିଥାଆନ୍ତେ । ଏ ବିଲ୍‌ର ଉଦ୍ଦେଶ୍ୟ ସମ୍ପର୍କରେ ମାନ୍ୟବର ମନ୍ତ୍ରୀ ନଜର ଦେବା ସଙ୍ଗେ ସଙ୍ଗେ ଏହି ବିଲ୍ କାହାକୁ ଆଧାରିତ କରି କରାଯାଇଛି ତାହା ମଧ୍ୟ କହିଛନ୍ତି । N. S. A. ରୁ କେତେକ ପ୍ରୋଭିଜନ୍ ଏବଂ ଆନ୍ଧ୍ର ପ୍ରଦେଶ ଆଇନର କେତେକ ପ୍ରୋଭିଜନ୍ ଏଥିରେ ନିଆଯାଇଛି, ଏହା ସତକଥା । ସେଗୁଡ଼ିକୁ ମଧ୍ୟ ପୁଣି amendment କରି ବିଚାର କରାଯାଇ ପାରିଥାଆନ୍ତା । ସମଗ୍ର ରାଜ୍ୟରେ ତଥା ଭାରତବର୍ଷରେ ସାମ୍ପ୍ରଦାୟିକ ଶକ୍ତି ମୁଣ୍ଡ ଟେକିଛି । ତେଣୁ ଏ ଆଇନକୁ ଆହୁରି ସର୍ବାଙ୍ଗ ସୁନ୍ଦର କରିବାକୁ ହେବ । କମ୍ୟୁନାଲ୍ ଅଫେଣ୍ଡର ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ, ସେଥିପାଇଁ ବିଧିବଦ୍ଧ ବ୍ୟବସ୍ଥା ହେବା ଦରକାର । କିନ୍ତୁ ବିଭିନ୍ନ ଘଟଣାରେ କମ୍ୟୁନାଲ୍ ଅଫେଣ୍ଡର୍ ନାଁରେ ରାଜନୈତିକ ଉଦ୍ଦେଶ୍ୟ ସାଧନ କରିବାପାଇଁ ଲୋକମାନଙ୍କୁ ଏ ଆଇନ ବଳରେ ଡିଟେନ୍ କରିବାର ବହୁ ସମ୍ଭାବନା ରହିଛି । ଏ ସମ୍ପର୍କରେ ମାନ୍ୟବର ସଭ୍ୟଙ୍କର ଅଭିଜ୍ଞତା ରହିଛି । ଯେକୌଣସି ଲୋକକୁ ଏ ଆଇନ ବଳରେ ଡିଟେନ୍ କରାଯାଇପାରିବ । ତେଣୁ ଏ ଯେଉଁ ତ୍ରୁଟି ଏଥିରେ ରହିଛି ତାକୁ ସୁଧାରିବାପାଇଁ ଏ ବିଲ୍‌କୁ ଆଉ ଥରେ ସିଲେକ୍ଟ କମିଟିକୁ ପଠାଯାଉ ବୋଲି ମୁଁ ଚାହୁଁଛି । ସେଥିପାଇଁ ମୁଁ ଆପଣଙ୍କ ପାଖରେ submit କରୁଛି । ସେହି କମିଟି ତା'ର report next sessionର first weekରେ ଦେବେ । ତା'ପରେ ସେହି ବିଲ୍‌କୁ ଅଧିକରୁ ଅଧିକ ଆମେ ସର୍ବାଙ୍ଗ ସୁନ୍ଦର କରିପାରିବା । ତେଣୁ ମୁଁ ଆପଣଙ୍କୁ ଅନୁରୋଧ କରୁଛି ଏହି ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ।

ଶ୍ରୀ ରାମକୃଷ୍ଣ ପଟ୍ଟନାୟକ : ଉପାଧ୍ୟକ୍ଷ ମହୋଦୟ, ମାନ୍ୟବର ମନ୍ତ୍ରୀ ଯେଉଁ ଆଇନ ଆଣିଛନ୍ତି ସେ ଆଇନ ଆନ୍ଧ୍ର ପ୍ରଦେଶର 1984 ଆଇନର ଏକ ନକଲ । କିନ୍ତୁ ତ୍ରୁଟିପୂର୍ଣ୍ଣ ନକଲ । ହିନ୍ଦୀରେ ଗୋଟିଏ ପ୍ରବାଦ ଅଛି—"ନକଲମେ କ୍ୟା ଅକଲ" । ନକଲ କରିବାରେ ଅକଲର ଆବଶ୍ୟକତା ନାହିଁ । କିନ୍ତୁ ମାନ୍ୟବର ମନ୍ତ୍ରୀ ବିଲ୍‌ରେ ଯାହା କିଛି ରଖିଛନ୍ତି ତାଙ୍କର ନକଲ କରିବାରେ ଅକଲର

Public Information Officer

ଆବଶ୍ୟକତା ଅଛି । ମାନ୍ୟବର ପଞ୍ଚାନନ୍ଦ ପାଣିଗ୍ରାହୀଙ୍କର ସଭ୍ୟ ସେହି ବିଲ୍‌କୁ ଯାଞ୍ଚ କମିଟିକୁ ପଠାଇବା ପାଇଁ ପ୍ରସ୍ତାବ ଆଣିଛନ୍ତି । ତା'ଙ୍କୁ ଯାଞ୍ଚ୍ କମିଟିକୁ ପଠାଇଲେ ମାନ୍ୟବର ମନ୍ତ୍ରୀଙ୍କର କୌଣସି ପ୍ରକାରର ଅସୁବିଧା ହେବ ବୋଲି ମୁଁ ଆଶା କରୁନାହିଁ । କାରଣ ଏ ବିଲ୍‌ର ସେଭଳି କୌଣସି ଜରୁରୀ ଆବଶ୍ୟକତା ଅଛି ବୋଲି ମୁଁ ଭାବିପାରୁନାହିଁ । ଏହି ବିଲ୍ ଆଜି ପାସ୍ ନ ହେଲେ କିଛି ଗୋଟାଏ ଅସୁବିଧା ହୋଇଯିବ ବୋଲି ମାନ୍ୟବର ମନ୍ତ୍ରୀଙ୍କୁ ଧାରଣା ଦିଆଯାଇଛି । ମାନ୍ୟବର ମନ୍ତ୍ରୀ 'କା' ମୁଖ୍ୟମନ୍ତ୍ରୀ ହିସାବରେ ଏହି ବିଲ୍‌ର ମେମ୍ବର ଇନ୍‌ଚାର୍ଜ ଭାବେ ଏହି ବିଲ୍‌କୁ sponsor କରିଛନ୍ତି । ସେଥିରେ ମଧ୍ୟ ତାଙ୍କୁ ଭ୍ରାନ୍ତ ଧାରଣା ଦିଆଯାଇଛି ।

ମୁଁ ଏହି ବିଲ୍‌ର ଏକ ପ୍ରାସଙ୍ଗିକତାକୁ ଆପଣଙ୍କର ଦୃଷ୍ଟି ଆକର୍ଷଣ କରିବି 1969 ମସିହାରେ ଆଇନ କମିଶନ ଇଣ୍ଡିଆନ ପେନାଲ କୋଡ଼ର 2ଟି ଧାରାକୁ ସୁପାରିଶ କରି ଉପସ୍ଥାପନ କଲେ । ଗୋଟିଏ ହେଉଛି 153 (A) ଏବଂ ଆଉ ଗୋଟିଏ ହେଉଛି 505, 153 (A) ଏବଂ (B) ଧାରା ସଂପର୍କରେ କହିବା ପୂର୍ବରୁ ମୁଁ 505 ଧାରା ସଂପର୍କରେ କିଛି ସମ୍ୟକ ଧାରଣା ଦେବି । ଯେଉଁମାନେ sailor ଏବଂ ଆର୍ମିମାନଙ୍କ ମଧ୍ୟରେ କିଛି rumour କରନ୍ତି କିମ୍ବା ସେମାନଙ୍କୁ ପ୍ରରୋଚନା କରି omuting କରିବାରେ ସହାୟତା କରନ୍ତି ତା' ହେଲେ ସେମାନଙ୍କ ପ୍ରତି I. P. C.ର 505 ଧାରା ଲାଗୁ ହେବ । ଯେହେତୁ ସେଇ ଧାରା ଏ ଆଇନର ପ୍ରାସଙ୍ଗିକ ନୁହେଁ ତା ବାବଦରେ ବିଷଦ ଆଲୋଚନା କରିବା ପାଇଁ ଚାହୁଁନାହିଁ । 1969 ମସିହାରେ ସେହିଦିନରୁ ଆଇନର ସଂଶୋଧନ ହୋଇଛି । ମୁଁ ବର୍ତ୍ତମାନ 1953 (A) and (B) ଧାରାକୁ ଯାହାକି ଏ ଆଇନର ପ୍ରାସଙ୍ଗିକ, ଆପଣଙ୍କର ଦୃଷ୍ଟି ଆକର୍ଷଣ କରିବି । ଏ ଆଇନ ସ୍ୱୟଂ ସଂପୂର୍ଣ୍ଣ, ଏତେ ବିଷଦ୍ ଭାବରେ ବ୍ୟାଖ୍ୟାନ ହୋଇଛି, ଏତେ ତର୍ଜନାତ୍ମକ ବ୍ୟାଖ୍ୟା ହୋଇଛି ଯେ ମାନ୍ୟବର ମନ୍ତ୍ରୀ ଏ ଆଇନକୁ ଆଣିବାରେ ସେଭଳି ଯୁକ୍ତି ସିଦ୍ଧ କରିପାରିବାରେ ସମର୍ଥ ହେବେ ବୋଲି ମୁଁ ଜାଣିପାରୁ ନାହିଁ । ଏ ଆଇନ ଆଣିବା ଯଥାର୍ଥ ବୋଲି ପ୍ରତିପାଦିତ କରିପାରିବେ କି ନାହିଁ ମୁଁ ଜାଣିନାହିଁ । ଯାଜ୍ଞବଲକ୍ୟଙ୍କର ପ୍ରଶ୍ନର ଉତ୍ତର ମୈତ୍ରୀ ଦେଲାଭଳି, ସେ ଯଦି ତାଙ୍କଠାରୁ ଅଧିକ ହୋଇ ଉତ୍ତର ଦେଇପାରିବେ, ମୁଁ ତାହି କହି ପାରିବି ନାହିଁ । ଏହି ବିଲ୍‌ରେ ଆହୁରି କିଛି ଉପାଦେୟର ଆବଶ୍ୟକତା ରହିଛି । ଏହା ଯଦି ସିଲେକ୍ଟ କମିଟିକୁ ପଠାଯିବ ତା'ହେଲେ ଏଥିରେ ଯାହା ଭୁଲ ଭଟକା ଅଛି ତାକୁ ସଂଶୋଧନ କରି ଉପାଦେୟକୁ ପୂରଣ କରାଯାଇ ପାରିବ । ଏଥିରେ ଯେଉଁଭଳି ବ୍ୟବସ୍ଥା ଅଛି ତାହାଦ୍ୱାରା କେବଳ ସିଭିଲ୍ ରାଇଟ୍‌କୁ erode କରିବ । ଆନ୍ଧ୍ର ପ୍ରଦେଶ ଆଇନ୍‌କୁ ପ୍ରତିଦ୍ୱନ୍ଦ୍ୱିତା କରି ଏ ଆଇନ ଅଣାଯାଇଛି । କେବଳ ଆସ୍ଫାଳନ କରିବା ଉଦ୍ଦେଶ୍ୟରେ ଏହି ଆଇନ ଅଣାଯାଇଛି । ଏ ଆଇନରେ କୌଣସି ଯଥାର୍ଥତା ନାହିଁ । I. P. C. ର 153 (a) and (b) ଧାରାରେ ଦଣ୍ଡ ବିଧାନର ବ୍ୟବସ୍ଥା ଅଛି । କୌଣସି ଲୋକ ଅପରାଧ କଲେ ତାକୁ 3 ବର୍ଷ ଜେଲ ବା ଜୋରିମାନା କରାଯାଇ ପାରିବ । ଯଦି religious ସ୍ଥାନରେ କୌଣସି ବ୍ୟକ୍ତି ଅପରାଧ କରେ ତାକୁ 5 ବର୍ଷ ଜେଲ ଏବଂ ଜୋରିମାନା ଦେବାର ବ୍ୟବସ୍ଥା ଅଛି । କିନ୍ତୁ ଏହିଭଳି ବ୍ୟବସ୍ଥା ଏଥିରେ ନାହିଁ । ଆନ୍ଧ୍ର ପ୍ରଦେଶ ଭଳି. ଏହିଭଳି ପ୍ରତିଶୋଧମୂଳକ ବ୍ୟବସ୍ଥା ଏଠାରେ କରାଯାଏ, ଏହିଭଳି ଗୋଟିଏ ଆଇନ ଅଣାଯାଇ କୌଣସି ଲୋକକୁ ଡିଟେନ୍ କରାଯା[ଏ] ଏବଂ ତା'ର କଥାକୁ ଶୁଣିବାପାଇଁ ସୁବିଧା ଦିଆ ନ ଯାଏ ଏବଂ ତା[...] ଏହିଭଳି ଆବରଣମୂଳକ ଆଇନରେ ଅଟକ ରଖାଯାଏ, ତାହାହେଲେ ସିଭିଲ ରାଇଟ୍‌କୁ erode କରାଯାଉଛି ବୋଲି ଧରାଯିବ, Eroding of Civil Rights is a Crime. ଏ ସମ୍ପର୍କରେ ତତ୍‌କାଳୀନ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ମହମ୍ମଦ କରିମ ଚାଗଲା ଏକ ମନ୍ତବ୍ୟ ଦେଇଥିଲେ । ଯାହା ସେତେବେଳେ ସାମ୍ନା ଭାରତବର୍ଷରେ ଚହଳ ପକାଇ ଦେଇଥିଲା । ସେହିଭଳି ମଧ୍ୟ ତତ୍‌କାଳୀନ ସୁପ୍ରିମ କୋର୍ଟର ମାନ୍ୟବର ବିଚାରପତି ଶ୍ରୀ କେ. ଆର୍. ଦାସ ମନ୍ତବ୍ୟ ଦେଇଥିଲେ । ସେ ମନ୍ତବ୍ୟ ଦେଇଥିଲେ ଯେ Demccracy in the Country is believing in English jurisprudeuce shall be eroding the very principles and Canons of the said jurisprudence of the Civil right and liberty are taken away in this method determing the people without giving them reasonable opportunity in judicial judgement.

କୌଣସି ଲୋକକୁ ଅଟକ ରଖିବା ଏବଂ ତାକୁ ଜୁଡ଼ିସିଆଲ କଷ୍ଟମଣ୍ଡରେ କହିବାକୁ ସୁବିଧା ନ ଦେବା ଅର୍ଥ ସେହି ବ୍ୟକ୍ତି[ର] ବ୍ୟକ୍ତିଗତ ଅଧିକାରକୁ, ସ୍ୱାଧୀନତାକୁ ଉଚ୍ଛେଦ କରାଯାଉଛି । ବ୍ୟକ୍ତିଗତ ଅଧିକାରକୁ ଉଚ୍ଛେଦ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଅପରାଧ ହେବ । It will be a Criminal liability for a particular person to do that.

ମାନ୍ୟବର ମନ୍ତ୍ରୀଙ୍କୁ ବୁଝାଇ ଦିଆଯାଇଛି ଯେ ଆମେ ଭାରତବର୍ଷରେ English Jurisprudenceରେ ଆଇନ କରୁନାହୁଁ । ଆମେ French Jurisprudenceରେ ଆଇନ କରୁଛୁ । ଯାହାଫଳରେ ଏହିଭଳି ଗୋଟିଏ କଳା ଆଇନ ଆଣିବାର ତାତ୍ପର୍ଯ୍ୟକୁ ସେ ସ୍ୱୀକାର କରିଛନ୍ତି । ସାର୍, ଜଣେ ବରିଷ୍ଠ ମାନ୍ୟବର ସଭ୍ୟ French jurisprudenceର ଅର୍ଥ କ'ଣ ଜାଣିବାକୁ ଚାହୁଁଛନ୍ତି । ମୁଁ ତାଙ୍କୁ ସେ ସମ୍ପର୍କରେ ଟିକିଏ କହିଦେଉଛି । French jurisprudence ଅନୁସାରେ ଜଣେ ଲୋକ ବିରୁଦ୍ଧରେ କୌଣସି ଅଭିଯୋଗ ହେଲେ ସେ ଅଭିଯୋଗରେ ସେ ନିର୍ଦ୍ଦୋଷ ବୋଲି ନିଜକୁ ପ୍ରମାଣିତ ନ କଲା ପର୍ଯ୍ୟନ୍ତ ତାକୁ ଦୋଷୀ ବୋଲି ଧରାଯିବ ।

କିନ୍ତୁ English Jurisprudence ର ବିଚାରଧାରା ହେଲା ଯେ ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ବିରୁଦ୍ଧରେ ଅଭିଯୋଗ ପ୍ରମାଣିତ ନ ହୋଇଛି ସେତେବେଳ ପର୍ଯ୍ୟନ୍ତ ସେ ନିର୍ଦ୍ଦୋଷ ବୋଲି ଧରାଯିବ । ଏହା ହେଉଛି French Jurisprudence ଓ English Jurisprudence ଭିତରେ ପାର୍ଥକ୍ୟ । ମୁଁ ଆପଣଙ୍କର ଦୃଷ୍ଟି ଆକର୍ଷଣ କରିବି 1984 ମସିହାରେ ଆନ୍ଧ୍ର ପ୍ରଦେଶରେ ଏ ଆଇନ ତିଆରି ହେଲା ପରେ ଭାରତ ବର୍ଷର ଅନ୍ୟ କୌଣସି ରାଜ୍ୟ ଏ ଆଇନ

OF THE PUBLIC INFORMATION OFFIC

କରିବାପାଇଁ ଆଗେଇ ଆସିନାହାନ୍ତି କିମ୍ବା କୌଣସି ପ୍ରସ୍ତାବ ପ୍ରକାଶ କରି ନାହାଁନ୍ତି । ଭାରତବର୍ଷର ପ୍ରଧାନ ମନ୍ତ୍ରୀଙ୍କର ନିର୍ଦ୍ଦେଶ କ୍ରମେ ଏହାକୁ ଆଣିଛନ୍ତି ବୋଲି ଅନ୍ୟମାନେ କହୁଛନ୍ତି । ପ୍ରଧାନମନ୍ତ୍ରୀ ଙ୍କ ଦ୍ୱାରା ଯେଉଁ 4ଟି ରାଜ୍ୟରେ president rule କରାଗଲା । ସେଠି ମଧ୍ୟ ଏହି ବ୍ୟବସ୍ଥା ହୋଇନାହିଁ । ତେଣୁ ମାନ୍ୟବର ମନ୍ତ୍ରୀ ବୋଧହୁଏ ଅଧିକ ଆବେଗ ପୂର୍ଣ୍ଣ ଭାବରେ ସାମ୍ପ୍ରଦାୟିକ ଦଳ ମାନଙ୍କ ଯେଉଁ ପ୍ରତିକ୍ରିୟାଶୀଳ କାର୍ଯ୍ୟ ଓ ସାମ୍ପ୍ରଦାୟିକ ଦଙ୍ଗାକୁ ଦେଖି ଏହାକୁ ଆଣିଛନ୍ତି । ଏହାକୁ କିପରି ଅଟକାଇ ହେବ ସେ ବିଷୟରେ ଦୃଷ୍ଟି ଦିଆଯିବା ଦରକାର । ମୁଁ କହିବାକୁ ଚାହେଁ ପାଟନା ସହରର ଏକ ବିରାଟ ସଭାରେ U. P. ର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଯେଉଁ କଥା କହିଲେ ଏବଂ ଲାଲ୍ କୃଷ୍ଣ ଆଡ଼ଭାନି ଓ ଅଟଳ ବିହାରୀ ବାଜପେୟୀ ଯେଉଁ କଥା କହିଥିଲେ ଯେ ଅଯୋଧ୍ୟାରେ ଯେଉଁ କାଣ୍ଡ ହେଲା ସେଥିପାଇଁ ଆମେ ଲଜ୍ଜିତ ନୁହେଁ ଗର୍ବିତ । ଏହା ଏକ shameless statement. ଏଭଳି ଏକ statement ଭାରତବର୍ଷର ରାଜନୀତିରେ ଗ୍ରହଣୀୟ ହେବନାହିଁ କାରଣ ଏହା ହେଉଛି ଏକ ଧର୍ମନିରପେକ୍ଷ ରାଷ୍ଟ୍ର । ବିଶେଷକରି ଓଡ଼ିଶାରେ ଆମେ କେବେହେଲେ ଏହାକୁ ଗ୍ରହଣ କରି ପାରିବୁ ନାହିଁ । କାରଣ ଓଡ଼ିଶାର ସଂସ୍କୃତି ହେଉଛି ଜଗନ୍ନାଥଙ୍କ ସଂସ୍କୃତି ଆମ ସହିତ ଓତଃପ୍ରୋତଃ ଭାବେ ଜଡ଼ିତ । ଏହି ଜଗନ୍ନାଥ ସଂସ୍କୃତି ଓଡ଼ିଶାରେ କେଭଳି ଭାବରେ ଗ୍ରହଣୀୟ ହୋଇଛି ତାହା ସମସ୍ତେ ଜାଣନ୍ତି । ଭକ୍ତ ସାଲବେଗ ପଠାଣ ହୋଇକରି ମଧ୍ୟ ଜଗନ୍ନାଥଙ୍କର ବଡ଼ ପରମ ଭକ୍ତ ଥିଲେ । ସାଲବେଗଙ୍କ ଜଣାଣ ନବୋଲିଲେ ପର୍ଯ୍ୟନ୍ତ ଜଗନ୍ନାଥଙ୍କ ରଥ ଯାଏନାହିଁ । ଆମ ରାଜ୍ୟରେ ଯେଉଁ ଧର୍ମ ନିରପେକ୍ଷ ସଂସ୍କୃତି ପ୍ରତିଷ୍ଠିତ ହୋଇଛି ଏଠାରେ Communalism ବା Communal Offence ର ସ୍ଥାନ ନାହିଁ । ମୁଁ ଆପଣଙ୍କ ନିକଟରେ I.P.C. ର 153- A ପ୍ରତି ଦୃଷ୍ଟି ଆକର୍ଷଣ କରୁଛି । ମୁଁ ଜାଣିନାହିଁ ଆମର ଏଠାରେ କ'ଣ ଅଭାବ ହେଲା ଯେଉଁଥିପାଇଁ କି ଏ ଆଇନ୍ ଟିକୁ ଆଣିଲେ କାର୍ଯ୍ୟକାରୀ କରିବାପାଇଁ except detention without trial. ସେ ବିଷୟରେ କହିଲାବେଳେ ମତେ ବୁଝାଇ ଦେବେ । 153-A ରେ କୁହାଯାଇଛି promoting enemity between different group on grounds of religion, race. place of birth, residence, language etc. and doing acts prejudicial to maintain of harmony. Whoever by words either spoken or written orby signs or by visible representations or otherwise, promotes or attempts to promote , on grounds of religion, race, place of birth, residence, language, caste or community or anyother ground what soever disharmony or feelings of enemity, hatred or ill will between different religious,racial, language or religion group or castes or communities or commits any act which is prejudicial to the maintanance of harmony between different religious, racial, language or regional, groups or castes or communities and which disturbs or is likely to disturb the public tranquility, shall be punished with imprisonment which may extend to three years or with fine or with both (or) organises any exercise, movement, drill or other similar activity intending that the participants in such activity shall use or be traind to use criminal force or violence on knowing it to be likely that the participance in such activity will use or be trained to use criminal force or violence or participates in such activity intending to use or be trained to use criminal force or violence or knowing it to be likely that the participants in such activity will use or be trained to use criminal force or violence, against any religious, racial, language or' regional group or caste or community & svch activity for any reason whatsever causes or is likely to cause fear or alarm or a feeling of insecurity amongst members of such religious, racial, language or regional group or caste or community shall be Punished for three years or with fine prescribed in sub-section 1 & Assembly engaged in the performances of of relgious worship or religious ceremony shall be punished with imprisonment which may extend to 5 years & shall also be liable to fine ମୁଁ 153 B ରେ ଯେଉଁ ବ୍ୟବସ୍ଥା ଅଛି ତାକୁ ମୁଁ ପଢ଼ିକରି ସମୟ ନଷ୍ଟ କରିବି ନାହିଁ । ସେଥିରେ imputations ascertions, prejudicial to national integration ଲେଖାଅଛି । ତେଣୁ ଏହି ଆଇନଟି ଅଣା ଯିବାର ଯଥାର୍ଥତା ଅଛି କି ନାହିଁ ମୁଁ ଜାଣିନାହିଁ । ତେଣୁ ଏହିଭଳି ଯେଉଁସବୁ ବ୍ୟବସ୍ଥା ଅଛି ତାହା ସମାଧାନ ହୋଇ ପାରିବ କି ନା ମୁଁ ଜାଣେନା

(Interruption)

I. P. C. ରେ 295 ରୁ 298 ଭିତରେ ବହୁତ ଗୁଡ଼ିଏ section ଅଛି ଯେଉଁଥିରେ କି 3 ବର୍ଷରୁ 1 ବର୍ଷ ପର୍ଯ୍ୟନ୍ତ ଦଣ୍ଡ ଅଛି । ମାନ୍ୟବର ମନ୍ତ୍ରୀ ଆନ୍ଧ୍ର ପ୍ରଦେଶରୁ ଆଇନକୁ ଆଣି ଯେଉଁ billଟି କରିଛନ୍ତି ସେଥିରେ ବ୍ୟତିକ୍ରମ କରିଛନ୍ତି । ଏହି ଆଇନରେ କୁହାଯାଇଛି ଥରକୁ ଥର ସେମାନଙ୍କର detention କୁ ବଢ଼ାଇ 1 ବର୍ଷଯାଏ ରଖାହେବ । କିନ୍ତୁ ଆନ୍ଧ୍ର ପ୍ରଦେଶ ଆଇନରେ ଅଛି 6 ମାସ । ଏହିଭଳି ଅନେକ ଗୁଡ଼ିଏ ଭ୍ରମପୂର୍ଣ୍ଣ provisions ଅଛି । ମୁଁ ଯେତେବେଳେ Clausewise discussion କରିବି ସେତେବେଳେ ତା ଭିତରକୁ ଯିବି । Clause 8 ରେ ଯେଉଁ ବ୍ୟବସ୍ଥା ଅଛି ସେହି ବ୍ୟବସ୍ଥା ଆନ୍ଧ୍ର ପ୍ରଦେଶ ଆଇନ୍ ରେ ଅଛି ଯେ sthey hall exercise the powers of

Officer
PUBLIC INFORMATION OF

the criminal under the Cr. Pc. Home Department କଣ ସୁପାରିଶ୍ କରିଛୁ ମୁଁ ଜାଣେନା । କିନ୍ତୁ କୁହାଯାଇଛି it shall not exercise rights....

(Interruption)

ଏଭଳି ଏକ ବ୍ୟବସ୍ଥା ଆଇନ୍ ଅଦାଲତରେ ନିଶ୍ଚିତଭାବରେ ବାତିଲ୍ ହୋଇଯିବ । ତେଣୁ ଏହାକୁ ଯାଞ୍ଚ କମିଟିକୁ ପଠାଇବା ଉଚିତ୍ ହେବ ।

ଶ୍ରୀ ରଘୁନାଥ ପଟ୍ଟନାୟକ : ଉପାଧ୍ୟକ୍ଷ ମହୋଦୟ, ବର୍ତ୍ତମାନ ଦେଶର ଅବସ୍ଥା ଯାହା, ସେଥିରେ ସାଂପ୍ରଦାୟିକତାବାଦ ଏବଂ ସାଂପ୍ରଦାୟିକ ଶକ୍ତି ଯେପରି ଗତି ଉଠିଛନ୍ତି, ତାହାକୁ ଦୂର କରିବା ପାଇଁ ଯେ ଉଦ୍ୟମ କରିବା ଉଚିତ୍ ଏଥିରେ କୌଣସି ସନ୍ଦେହ ନାହିଁ । ଦେଶବାସୀ ଯେଉଁ ସମ୍ବିଧାନ ପ୍ରଣୟନ କରିଛନ୍ତି, ସେଥିରେ ସବୁ ଧର୍ମ ପ୍ରତି ସମାନ ଭାବ ରକ୍ଷା କରିବା ଉଚିତ୍ । ଯଦି ତାର କେହି ବିରୁଦ୍ଧାଚରଣ କରେ ତେବେ ତାକୁ ଯେ ଦଣ୍ଡ ଦିଆଯିବା ଉଚିତ୍ ଏଥିରେ ଦ୍ୱିମତ ନାହିଁ । ମୋର କହିବା କଥା ଏହା ପୂର୍ବରୁ ଗୁଣ୍ଡା ଉପଦ୍ରବ ବିରୁଦ୍ଧରେ ଗୋଟିଏ ଆଇନ୍ draft କରାଯାଇ Select କମିଟିକୁ ପଠାଯାଇଛି । ସରକାର ସେ Bill କୁ ଏ ପର୍ଯ୍ୟନ୍ତ ପ୍ରତ୍ୟାହାର କରିନାହାଁନ୍ତି । ସେଇଟା pending ଥିବା ଅବସ୍ଥାରେ ଅତି ତରବରିଆ ଭାବରେ ଏପରି ଏକ Billକୁ ଆଇନ୍‌ରେ ପରିଣତ କରିବାର କୌଣସି ଆବଶ୍ୟକତା ନ ଥିଲା । ସାର୍, ଆପଣ ଦେଖିବେ ସାଂପ୍ରଦାୟିକ ଗୁଣ୍ଡାଙ୍କ ବିରୁଦ୍ଧରେ ଏହି Bill ବର୍ତ୍ତମାନ Act ହେଲା ପରେ ଆଇନ୍ ହେବା ପୂର୍ବରୁ ଏଥିରେ ଯେଉଁ ଅସୁବିଧା ରହିଛି ତାକୁ ଦୂରୀଭୂତ କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ମୁଁ ଗୋଟିଏ କଥା କହିଦେବାକୁ ଚାହେଁ, ଓଡ଼ିଶାରେ ସେପରି ସାଂପ୍ରଦାୟିକତାବାଦ ଦେଖାଦେଇନାହିଁ, ଯେଉଁଟା କି ଅନ୍ୟ ରାଜ୍ୟରେ ଦେଖାଦେଇଛି । ଆମ ରାଜ୍ୟରେ ହିନ୍ଦୁ ମୁସଲମାନ ଭିତରେ ସ୍ନେହ, ସହାନୁଭୂତି ଏବଂ ପରସ୍ପର ପ୍ରତି ଉତ୍ତମ ବୁଝାମଣା ଯେ ରହିଛି ଏ କଥା କହିଲେ ଅତ୍ୟୁକ୍ତି ହେବନାହିଁ । ଏପରି ଅବସ୍ଥାରେ ଆମେ ଯଦି ଏହି Bill pass କରିବା ଏବଂ ତାକୁ ଯଦି ଲାଗୁ କରିବା ତେବେ ତାର ବିଷମୟ ପରିଣତି ରାଜ୍ୟବାସୀ ଭୋଗ କରିବେ । ଯଦି ଆପଣ ଛୋଟ ପିଲାଙ୍କୁ କହିବେ କୂଅ ଭିତରକୁ ଚାହିଁବ ନାହିଁ କି କୂଅ ପାଖକୁ ଯିବ ନାହିଁ, ତେବେ ସେହି ଛୋଟ ପିଲା କୂଅ ପାଖକୁ ଯିବ ଏବଂ କୂଅକୁ ଚାହିଁବ । ବର୍ତ୍ତମାନ ଏପରି Bill pass କଲେ ବିଭିନ୍ନ ସଂପ୍ରଦାୟ ଭିତରେ ପରସ୍ପର ପ୍ରତି ସନ୍ଦେହ ବୃଦ୍ଧି ପାଇବ । ଯେଉଁ କଥା ଓଡ଼ିଶାରେ ନାହିଁ ସେ କଥା ହୁଏତ ଏଠାରେ ଘଟିପାରେ । ସେହି ଦୃଷ୍ଟିରୁ ମୁଁ କହିଦେବାକୁ ଚାହେଁ ତରବରିଆ ଭାବରେ ଏପରି ଆଇନ୍ କରିବାର ଆବଶ୍ୟକତା ନ ଥିଲା । ତା' ଛଡ଼ା Indian Penal Code 153 (A) ରେ ଅଛି, ଯଦି କୌଣସି ବ୍ୟକ୍ତି promoting enemity between different groups on grounds of religion, race, place of birth, residence, language etc. and doing acts prejudicial to maintainance of harmony. ତା ବିରୁଦ୍ଧରେ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି । ଆମେ ଦେଖୁଛୁ କେତେକ ସମୟରେ ଗୋଟିଏ ସାହି ପିଲା ଓ ଅନ୍ୟ ସାହି ପିଲାଙ୍କ ଭିତରେ ଝଗଡ଼ା ଲାଗୁଛି । ଆମେ ଏହି 153 କଲମର ତାର ସମାଧାନ କରିପାରିବୁ । 153 (b) ରେ ଅଛି imputation, assertions, prejudicial to national integration. ଏହି ଆଇନ୍ ବଳରେ ଆମେ ଜାତୀୟ ସଂହତି ରକ୍ଷା କରିପାରିବା । ଯଦି କେହି ଏହାର ବିରୁଦ୍ଧାଚରଣ କରନ୍ତି ତେବେ 153 (b) ଅନୁଯାୟୀ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିପାରିବା । ତା ଛଡ଼ା Indian Penal Code ର ଅନ୍ୟ chapter that is chapter (15) ରେ religious offence ବିରୁଦ୍ଧରେ ଦଣ୍ଡ ବିଧାନ ପାଇଁ ବ୍ୟବସ୍ଥା ରହିଛି । Section 295 ଏବଂ 298 ରେ ମଧ୍ୟ ଏ ସଂପର୍କରେ ବ୍ୟବସ୍ଥା ରହିଛି । ଯଦି କେହି religious assembly ରେ ବିଭ୍ରାଟ ସୃଷ୍ଟି କରନ୍ତି ବା place of worship ରେ କିଛି ଗଣ୍ଡଗୋଳ କରନ୍ତି ତାଙ୍କ ବିରୁଦ୍ଧରେ ଦଣ୍ଡ ବିଧାନ ହୋଇପାରିବ । Section 297, trespassing on burial places etc. ଏବଂ 298 uttering words etc. with deliberate intend to wound religious feeling ବାବଦରେ ବ୍ୟବସ୍ଥା ରହିଛି । ଏପରି ଆଇନ୍ ବଳରେ ଆମେ ଯେ କୌଣସି ବ୍ୟକ୍ତିଙ୍କୁ ଦଣ୍ଡ ଦେଇପାରିବା । ଆପଣ ଜାଣନ୍ତି emergency ବେଳେ ଯେପରି ଭାବରେ ସରକାରୀ କର୍ମଚାରୀମାନେ କ୍ଷମତାର ଅପବ୍ୟବହାର କଲେ ତା ଫଳରେ କଂଗ୍ରେସ ଦଳକୁ ତାର ପରିଣତି ଭୋଗ କରିବାକୁ ପଡ଼ିଥିଲା । ଏ ଦେଶରେ evil excercise of power of sucidal. କେତେକ ବ୍ୟକ୍ତି ବିଶେଷଙ୍କୁ ଦୃଷ୍ଟିରେ ରଖି ଆମେ ଯଦି ଆଇନ୍ ତିଆରି କରିବା ସେ ଆଇନ୍ ଉଚିତ୍ ବାଟରେ କାର୍ଯ୍ୟକାରୀ ହୋଇପାରିବ ନାହିଁ । କେତେକ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ତାହା ନିଶ୍ଚିତ ଭାବରେ ବୁମେରାଂ ଭଳି କାମ କରିବ । ଏହାର କୁ ପରିଣତି ରାଜ୍ୟବାସୀଙ୍କୁ ରାଜ୍ୟ ଶାସନକୁ ଭୋଗ କରିବାକୁ ପଡ଼ିବ । ତେଣୁ ମାନ୍ୟବର ସଭ୍ୟ ଶ୍ରୀ ରାଧାକାନ୍ତ ସେଠୀ select committee କୁ ପଠାଇବା ପାଇଁ ଯେଉଁ motion ଆଣିଛନ୍ତି ତାହାକୁ ଗ୍ରହଣ କରାଯାଉ । ଅଢ଼େଇ ମାସ ତିନିମାସ ଭିତରେ assembly ବସିବ । ବିଭିନ୍ନ ରାଜ୍ୟରେ ଏ ଭିତରେ ଯେଉଁ ଘଟଣା ଘଟି ଯାଉଛି ସେମାନେ କ'ଣ କରିଛନ୍ତି ସେ ସମସ୍ତ କଥା ଅନୁଧ୍ୟାନ କରି ଓ ଏହି Bill କୁ ଭଲ ଭାବରେ ତର୍ଜମା କରି ଏହି Bill କୁ ଆଇନ୍‌ରେ ପରିଣତ କଲେ ନିଶ୍ଚିତ ଭାବରେ ଭଲ ହେବ । ତେଣୁ ତରବରିଆ ଭାବରେ ଏହି Bill କୁ ଗ୍ରହଣ ନ କରି select committeeକୁ ପଠାଇ ଦିଆଯାଉ ।

Shri BIKRAM KESHARI DEO : Mr. DEPUTY SPEAKER Sir, the Orissa Prevention of Dangerous Activities of Communal Offenders Bill, 1993 is completely a farce. It is a farce

OF THE PUBLIC ... TION OFFICER

Bill. Government says that it will be responsible to restrict anti-social activities in the State. Another Bill has been drafted and sent to Select Committee which was supposed to be passed during this sitting of this August House. I am sorry to say that in their J. L. P. meeting most of the Members objected to the passing of that Bill. It clearly says that the maximum number of goonda elemants are making a living out of this Government or this Government is protecting the anti-social elements in the State. Sir, take for example the Orissa Prevention of Dangerous Activites of Communal Offenders and Anti-Secials Bill. 1992, it is already there. The word 'Communal' is also there. This Billis a carbon copy of that Bill which is already there in Maharastra, Gujurat and West Bengal. But there the Communal word has not been mentioned. They have a law to arrest the anti-social activities. It is only in our State that this Communal word has been added. In Andhra Pradesh a same type of Bill was passed in the year 1984. Sir, I would like to say that by making laws through this Bill, the Government is not going to communal harmony in the State. Their intention is to create communal disharmony in the State. They speak about Bhadrak issue. What happened there ? The Peace Committee took stock of the situation and both Hindus, Muslims and Christians also participatetd n the discussion. What was the justification to stop the 'Jangya' ? I am glad that the Judiciary uphelled its judgement and there was 'Jangya' on Ramnavami day. I say that this Government has tried to hurt the sentiments of the religious people in the State and has created communal pisharmony to satisfy their personal and political needs. Now if this Bill is passed it will be a clear political vendeta.HereI amgoing to give some figures. In Orissa the religious adherance in regard to Hindus is 95·4%, Muslims 1·6%, Christian 1·8%, Sikhs 0·8% and others 1%. So the question of Communal disharmony never existed in the State. Regarding communal riot, I would say that this has happened in the Congress ruled States and Janta Dal ruled States. In Bihar, there was the Janta Dal Government and in Maharastra for that matter there was the Congress Government in power when this riot took place. So in my opinion this Bill should be completely withdrawn. Since a similar type of Bill is pending before the Select Committee, there is no justification for bringing this Bill. This Bill is intended to act upon some political parties in particular with whom this Government has some political differences. You say about the Bomb Blast at Bombay and Calcutta. But there the incident occured not at any relegious place. Rather it happened in market areas. The Bombay Stock Exchange was attacked and in Calcutta the 'Bahubazar' was attacked. Therefore, you should not link this incident with what happened in December the 6th at Ayodhya. At Ayodhya. aslo there was no Musjit. But they say that Musjit was attacked. I would like to warn this Government that you should not curtail the centiments of the general public by adopting any black law in the State. I hope that the Hon'ble Minister will withdraw this Bill.

ଶ୍ରୀ ଅରୁଣ ଦେ :Sir ମାନ୍ୟବରମନ୍ତ୍ରୀ ଏ ଯେଉଁ Bill ଆଣିଛନ୍ତି ମୁଁ ତାକୁ ସ୍ୱାଗତ କରୁଛି, ଏ Bill ଆସିବାରେ timing ର କିଛି ଭୁଲ ହୋଇନାହିଁ କାହିଁକି ନା ବାସ୍ତବରେ ଏ ଗୃହର Overwhelming majority and sentiments ର ରୂପ ନେଇଛି ଏ Bill ଆଜ ପ୍ରକାଶ ପାଇଛି । ଯେଉଁ Bill ସମ୍ପର୍କରେ ମାନ୍ୟବର ମନ୍ତ୍ରୀ refer କଲେ, ସେ Bill ଟି Select Committee ର ବିଚାରାଧୀନ ଅଛି । ଏ ଯେଉଁ Orissa prevention of Dangerous Activities of Communal Offenders Bill ଆସିଛି ତାହା ଏ ଗୃହର overwhelming ମତନେଇ ଆସିଛି । କିନ୍ତୁ ଏ bill ର ଚର୍ଚ୍ଚା କଲାବେଳେ ଗୋଟିଏ ଦୁଇଟି କଥାରେ ମୋତେ ଦୁଃଖଲାଗିଲା ମାନ୍ୟବର କୋଦଳାର ସଭ୍ୟ ତାଙ୍କ ଭାଷଣରେ civil rights କଥା ଉଠାଇଛନ୍ତି । ତାଙ୍କ ନିକଟରେ civil rights ର ସଂଜ୍ଞା କଣ ମୁଁ ତାହା ଜାଣେନାହିଁ । ଭକ୍ତ ଖାଲବେଗ କଥା ମଧ୍ୟ ସେ କହିଛନ୍ତି । civil rights Propaganda ଅର୍ଥ କେବେ ହେବନାହିଁ ଦେଶକୁ ଖଣ୍ଡ ଖଣ୍ଡ କରିବା, Society କୁ ଭାଙ୍ଗିଦେବା ବା ଦେଶର ସମ୍ବିଧାନ କୁ ଭାଙ୍ଗିଦେବା । ଏଠାରେ କିଛି Civil Right Activists ର କାର୍ଯ୍ୟକଳାପ ନୁହେଁ ପୃଥିବୀର ଯେଉଁ civil Right Activists ଙ୍କ କଥା କହିଛନ୍ତି , the type of activities carried out by them in the country since december 6th in the name of religion

THE PUBLIC INFORMATION OFFI...
...tion Officer

can not be supporated by anybody ପୃଥିବୀ କୌଣସି Civil Rights Activist Religion କୁ ଭୁଲ ଆଉ ଭାବରେ ବ୍ୟବହାର କରନ୍ତିନାହିଁ କିନ୍ତୁ ଭାରତବର୍ଷରେ ଏକାଦ୍ଭିତ ଅବସ୍ଥା ସୃଷ୍ଟି ହୋଇଛି । ଅନ୍ୟ କୌଣସି ସଭ୍ୟ ରାଷ୍ଟ୍ରରେ ବା ଅର୍ଦ୍ଧଉନ୍ନତ ଦେଶମାନଙ୍କରେ ମଧ୍ୟ Civil Right Activist ମାନେ ମଧ୍ୟ ଧର୍ମକୁ ଭୁଲ ଆଉ ରୂପେ ବ୍ୟବହାର କରିନାହାଁନ୍ତି । ଏଠାରେ କିନ୍ତୁ B. J. P. ର ଧର୍ମ ଛଡା ଅନ୍ୟ କୌଣସି ବୁଦ୍ଧି ଆଉ କ୍ଷମତାକୁ ଆସିବାପାଇଁ ନାହିଁ ଭାରତବର୍ଷରେ ଲୋକଙ୍କର ଧର୍ମପ୍ରତି ଯେଉଁ ଭକ୍ତି ଓ ଆସ୍ଥା ଅଛି । ତାକୁ ଏହିଦଳ ବ୍ୟବହାର କରି କ୍ଷମତାକୁ ଆସିବା ପାଇଁ ଚେଷ୍ଟା କରୁଛନ୍ତି । ମୋତେ ଦୁଃଖ ଲାଗୁଛି କୋଦଲାର ମାନ୍ୟବର ସଭ୍ୟଙ୍କ ପରି ଜଣେ ବିଜ୍ଞ ସଭ୍ୟ ଏପରି ମତାମତ ଏଠାରେ ଦେଲେ । ଆପଣ ଜାଣନ୍ତି Americaରେ ଗତ ନିର୍ବାଚନ ସମୟରେ ରେଗନଙ୍କ ବୁଶମଧ୍ୟ B. J. P. ନେତାମାନଙ୍କଠାରୁ କିଛି ଶିଖି ନିର୍ବାଚନରେ ଧର୍ମକୁ ବ୍ୟବହାର କରିବାକୁ ଚାହୁଁଥିଲେ କିନ୍ତୁ ସେ ଯେତେବେଳେ ଲୋକମତ ପାଖକୁ ଗଲେ ସେ Catholic ethicsକୁ arouse କରୁଛନ୍ତି ବୋଲି ତାଙ୍କ ଦଳ ସଭ୍ୟମାନେ ତାଙ୍କୁ challenge କରିଥିଲେ ଓ କହିଥିଲେ you should not put religion in to politics, କିନ୍ତୁ ଭାରତବର୍ଷରେ ଜଗନ୍ନାଥଙ୍କ sentimentsକୁ ନେଇ କିଏ ଖେଳୁଛି ତ ଆଲ୍ଲାଙ୍କ sentmentକୁ ନେଇ କିଏ ଖେଳୁଛି । Only to grab power ଏମାନେ ସମାଜରେ disorder ସୃଷ୍ଟି କରୁଛନ୍ତି ଯାହାଙ୍କର ଧର୍ମ ସହିତ ସଂପର୍କ ନାହିଁ, ରାମଙ୍କ ସହିତ ସଂପର୍କ ନାହିଁ, ମଦପିଇ ଯେଉଁମାନେ ସମସ୍ତ କଟାନ୍ତି ସେମାନେ ଆଜି ପଣ୍ଡିତ ପାଲଟି ଯାଇ ଦେଶରେ ଧର୍ମକୁ ବିକିଚାଲିଛନ୍ତି, ତେଣୁ ଏ ଯେଉଁ Bill ଆସିଛି this is Preventive measure ମାନ୍ୟବର କୋଦଲାର ସଭ୍ୟ ଏଠାରେ Indian Penal Code କଥା ଉଲ୍ଲେଖ କରିଛନ୍ତି I.P.C. ର ବ୍ୟବସ୍ଥା ଯଦି ଏ ଦେଶରେ ଠିକ ଭାବରେ କାର୍ଯ୍ୟକାରୀ ହେଉଥାନ୍ତା ତାହାହେଲେ ଆଉ କୌଣସି ନୂତନ ଆଇନର ଦରକାର ନଥିଲା,

ଉଚିତ ବ୍ୟବସ୍ଥା ହୋଇପାରୁନାହିଁ, ଦେଶର ଲୋକେ ଆଇନକୁ ମାନୁନାହାଁନ୍ତି । ମୁଖ୍ୟମନ୍ତ୍ରୀ ଆଇନକୁ ମାନୁନାହାନ୍ତି, ସରକାରୀ କର୍ମଚାରୀମାନେ ଆଇନ ମାନୁନାହାଁନ୍ତି, ଜଜ୍‌ମାନେ ଆଇନ ମାନୁନାହାନ୍ତି । Everybody thinks that they are above the law. They are trying to creat chaos in the country. ମୁଖ୍ୟମନ୍ତ୍ରୀ ଯଦି କହିବେ ମୁଁ ସମ୍ବିଧାନ ମାନିବିନାହିଁ, ସେ ଯଦି କହିବେ ସୁପ୍ରିମ୍ କୋର୍ଟ ମୁଁ ମାନିବି ନାହିଁ, ତାହେଲେ ଅବସ୍ଥା କଣ ହେବ । କୌଣସି ସଭ୍ୟ ରାଷ୍ଟ୍ରରେ ଏହିପରି ହୁଏ ? ଗତ ଅକ୍ଟୋବର ମାସରେ ହାଇକୋର୍ଟର ଜଣେ retired ବରିଷ୍ଠ ବାକେଲଙ୍କର ଗୋଟିଏ ସଭାରେ ଭାଷଣ ଦେଉଥିଲେ, ସେ ଜଣେ judicial ଲୋକ । ସେ ଜଣେ କୋଦଲାର ସଭ୍ୟଙ୍କ ଭଳି human rightର activist । ତାଙ୍କର ନାମ ହେଲା, କୃଷ୍ଣ କହ୍ନାଇ ପଣ୍ଡା । ସେ, ସେ ଭାଷଣରେ କହୁଥିଲେ ଆମେ Supreme Courtକୁ ମାନିବୁନାହିଁ । ମୁଁ ସେଠି ମୋ ପିଲାଙ୍କୁ କହିଲି ଇଏ ହାଇକୋର୍ଟର ଜଣେ ଜଜ୍ ଥିଲେ ।

ସରକାର ଯେଉଁ preventive measure ନେବାକୁ ଚାହୁଁଛନ୍ତି ତାହା ଯଥାର୍ଥ । ନ ହେଲେ ଓଡ଼ିଶାର ଶାସନ ଚାଲିବ ନାହିଁ । କୁହାଯାଉଛି ଓଡ଼ିଶାରେ ସେଭଳି ଦଙ୍ଗା ନାହିଁ । ନାହିଁ କଣ ? ଓଡ଼ିଶାର କଟକ ୮ବଂ ଭଦ୍ରକରେ ବାରମ୍ବାର ଦଙ୍ଗା ହୋଇଛି, କିନ୍ତୁ ତାହା ବଢିପାରି ନାହିଁ । ତାର ଏକମାତ୍ର କାରଣ ହେଲା, ସରକାର ଏବଂ ଜିଲ୍ଲା ପ୍ରଶାସନ ଖୁବ୍ prompt ହୋଇଛନ୍ତି, ଏବଂ ଲୋକେ by and large ଏହାକୁ support କରିନାହାଁନ୍ତି । ଟିକିଏ lapsesରୁ ଦଙ୍ଗା ହୋଇଥାଇପାରେ । କିନ୍ତୁ ଜିଲ୍ଲା ପ୍ରଶାସନ ଯଦି prompt ନହୋଇଥାନ୍ତେ ତାହେଲେ କଟକ ସହର କେବେଠାରୁ ପୋଡି ପାଉଁଶ ହୋଇ ସାରନ୍ତାଣି ଏବଂ ଭଦ୍ରକ ସହର ସାଲନ୍ଦୀ ନଦୀ ପାଣିରେ କେବେଠାରୁ ବୁଡ଼ି ସାରନ୍ତାଣି । ସରକାର କିମ୍ବା ଶାସନ ଫେଲ୍ ମାରିଯାଇ ପାରିବ ସେ କଥା ପ୍ରଶ୍ନ ଉଠୁନାହିଁ । ଯଦି କୁହାଯିବ, ଏହାଦ୍ୱାରା civil right violate ହେଉଛି, ତାହେଲେ ମୋର କିଛି କହିବାର ନାହିଁ । B. J. P. people are violating the norms of civil society. ଆମର detentionର ବ୍ୟବସ୍ଥା କରାହୋଇଛି କିନ୍ତୁ trialର ବ୍ୟବସ୍ଥା ହୋଇପାରୁନାହିଁ । I. P. C. ଏବଂ C. P. C. ରେ କିଛି ତ୍ରୁଟି ଥାଇପାରେ । Judiciary system ରେ କିଛି ତ୍ରୁଟି ଥାଇପାରେ । ବର୍ତ୍ତମାନ Courtର ଯାହା ଅବସ୍ଥା sensitive case ରେ ଆସାମୀ Courtରୁ ଜାମିନ୍‌ରେ ଚାଲିଆସୁଛି । ଏବେ କିଛି ଦିନତଳେ ଭଦ୍ରକରେ ଗୋଟିଏ ଘଟଣା ଘଟିଲା । ମୁଖ୍ୟମନ୍ତ୍ରୀ ଗୋଟିଏ ନିର୍ଦ୍ଦେଶ ଦେଲେ ଜଣେ Judical Officer ନିର୍ଦ୍ଦେଶ ଦେଲେ ଜିଲ୍ଲା ପ୍ରଶାସନ ହିନ୍ଦୁ ସମାଜକୁ ସାହାଯ୍ୟ କରନ୍ତୁ । ଗାନ୍ଧୀ ମୈଦାନରେ ଯଦି Judgement ହୋଇଥାନ୍ତା । ମନ୍ଦିରରେ ପୂଜା ହେବ ଜିଲ୍ଲା ପ୍ରଶାସନ ସାହାଯ୍ୟ କରନ୍ତୁ, ମସ୍‌ଜିଦରେ ନିର୍ମାଣ ହେବ ଜିଲ୍ଲା ପ୍ରଶାସନ ସାହାଯ୍ୟ କରନ୍ତୁ, ତାହେଲେ ସେଇଟା ବଢିର କରାଯାଇଥାନ୍ତା । ଭାରତ ବର୍ଷରେ ଗୋଟିଏ ବଡ ବ୍ୟତିକ୍ରମ ଘଟୁଛି । ଭାରତ ବର୍ଷରେ Judiciary ହେଉଛି ଶାସନର ଏକ ବରିଷ୍ଠ ଅଂଶ । Most of the retired Judges and Magistrates are joining to the B. J. P. all over the country. ମୁଁ law college ରେ ପଢୁଥିଲି କେନ୍ଦ୍ରାପଡ଼ାରେ ଗୋଟିଏ riot ହେଲା, କଟକରେ riot ହେଲା ସେତେବେଳେ କଟକରେ High Courtର Chief Justice Burman ଥାନ୍ତି । ଶ୍ରୀ ଶ୍ରୀରାମ ଦାସ ଓଡିଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଥାନ୍ତି । Collegeର ସମ୍ପାଦକ ହିସାବରେ ମୁଁ ଶ୍ରୀରାମ ଦାସଙ୍କୁ ଗୋଟିଏ seminar କୁ ଡାକିବାପାଇଁ ଯାଇଥିଲି, ସେମାନେ ଆସିଥିଲେ । ଶ୍ରୀରାମ ଦାସ କହିଲେ Mr. Burman you sit in close chamber in air condition chamber of High Court and you simply pass an order. But you don't know the consequenses it will involve. You blindly interpret the provision of the constitutions. But you don't know its implication. Why do you pass such an order on mechanicaly

...THE PUBLIC INFORMATION OF...

interpretation. ଆମ ଦେଶରେ ଓ ରାଜ୍ୟରେ ଯେଉଁ mechanically interpretation ହେଉଛି, ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ । ଆମ ରାଜ୍ୟରେ ବି ଶିକ୍ଷିତ ଲୋକ ଅଛନ୍ତି । ଆମ ରାଜ୍ୟରେ କିଏ ଆଙ୍ଗ୍ରେଲିମଣି ଫଟକୁ ଦେଖାଇ ଭୋଟ ମାଗୁଛି, କିଏ କାହ୍ନୀ ଠାକୁରଙ୍କ ଫଟକୁ ଦେଖାଇ ଭୋଟ ମାଗୁଛି । କିଏ କାଳୀ ମନ୍ଦିରର ଭୋଗ ନେଇ ଭୋଟ ମାଗୁଛି । କିଏ ପୁରୀର ମହାପ୍ରସାଦକୁ ଦେଖେଇ ଭୋଟ ମାଗୁଛି ଏବଂ ଲୋକମାନେ ଦେବୀ ପ୍ରଭାବରେ ଅଧିକାଂଶ ଭୋଟ ଦେଉଛନ୍ତି । ଏ ସବୁ କଥା ଆମ ଦେଶରେ ଚାଲୁଛି । ଏହା କୌଣସି civilised, advanced ଏବଂ ଶିକ୍ଷିତ ଦେଶରେ ହୁଏ । କିନ୍ତୁ ଦୁର୍ଭାଗ୍ୟର କଥା ଆମ ଦେଶରେ ଏହିଭଳି ଚାଲିଛି । ଗଲ ପଞ୍ଚାୟତ ନିର୍ବାଚନରେ ମୁଁ ଦେଖିଛି ଆଙ୍ଗ୍ରେଲିମଣିଙ୍କର ମାଳି ଆଣି ଲୋକଙ୍କୁ ଦେଇକରି ଭୋଟ ମଗା ଯାଉଥିଲା । 'ଲୋକଙ୍କର Sentimentକୁ ବ୍ୟବହାର କରି ଭୋଟ ନିଆଯାଉଛି । ମୁଁ ତ ଶୁଣୁଛି, ଆସନ୍ତା ନିର୍ବାଚନରେ B. J. P. ବାଲା କହିବେ ତୁମେ ଯଦି ରାମକୁ ଭୋଟ ନଦେବ ତାହେଲେ ତମର ବଂଶ ବୁଡ଼ିଯିବ । ଏଇଟା ସେମାନେ ନିଶ୍ଚୟ କହିବେ । They will propagate it, they have no other alternative than propagating this. କେଉଁଭଳି ସଭ୍ୟ civil right କଥା କହୁଥିଲେ, ଏହା ଯଦି civil rightର ଅଂଶ ବିଶେଷ ହେବ ତାହେଲେ civil right କଣ । B. J. P. ବାଲା ରାମଙ୍କ ନାମ ନେଇ ଏ ସବୁ କରୁଛନ୍ତି । ଯେଉଁମାନେ ଠାକୁରଙ୍କୁ ଭୟ କରୁଛନ୍ତି, Those who are corrupt, coward and tell lie. They fear to god and go to temple. ଯେଉଁମାନେ ପାପ କରନ୍ତି, ମିଛ କହନ୍ତି ସେମାନେ ଭଗବାନଙ୍କୁ ଭୟ କରନ୍ତି । ଯେଉଁମାନେ ଭୁଲ୍ କରନ୍ତି ନାହିଁ ସେମାନେ ଭଗବାନଙ୍କୁ ଭୟ କରନ୍ତି ନାହିଁ । I am atheist. I have read the Book of Vivekananda I have derived strength from Vivekananda. I have derived strength not from Mark, not from Lenin and politics from anybody. I have derived strength from Vivekananda. He has said you neednot go to temple if you have genuine approach for the people. If you are above the self interest you go and sit under the tree and pray. He has distinguished the people into two catagories, one, the people who go to the temple and pray for themselves. Another the people go and sit under the tree to pray for others. They pray for the tree to blossom. There are some people who go to Church and kneel down there and pray for others. there should be difference between the devotion and punishment. ଆମଠାରେ ଏଠି ଧର୍ମଗୁରୁ ଅଛନ୍ତି । ସେମାନେ ଆଉରି ଗୁରୁ ହୋଇଯିବେ । ଯେଉଁମାନେ ଧର୍ମଗୁରୁ ନୁହନ୍ତି ସେମାନେ ଧର୍ମଗୁରୁ ହୋଇଯିବେ । B. J. P. ବାଲା ଏହିଧର୍ମକୁ ହତିଆର କରି କ୍ଷମତାକୁ ଆସିବାପାଇଁ ଚେଷ୍ଟା କରୁଛନ୍ତି । ରାଜ୍ୟରେ କ୍ଷମତାକୁ ଆସିବାପାଇଁ ଯେଉଁ ଅରାଜକତା ସୃଷ୍ଟି କରିବାପାଇଁ process ହେଉଛି ତାହା civil rightର ଅଂଶ ବିଶେଷ ହେବକି ? ମୁଁ ବୁଝିପାରୁନାହିଁ ଓକିଲିତ civil right ବ୍ରୀଷ୍ଟୀରେ ଏପରି ମାନ୍ୟବର ସଭ୍ୟ କହିଲେ । ଆଉ ଗୋଟିଏ horrible ଦୃଷ୍ଟାନ୍ତ ମୁଁ ଏଠି ଦେବାକୁ ଚାହେଁ, ଗୋଟିଏ ଗୁଜବ ସୃଷ୍ଟି ହେଲା କଟକ ସହରର ପାଣିରେ ବିଷ ମିଶେଇ ଦିଆଯାଇଛି । କଟକ ସହରରେ ଗତକୁ ସବୁଲୋକେ ପାଣିଟେଷ୍ଟ କରୁଥିଲେ । How do you say about the civil right ? ଦୁଇଟି କଥା କୁହାଯାଉଛି ସରକାର କରିପାରିଲେ ନାହିଁ ଓ ଫେଲ୍ ମାରିଲେ ଓଡ଼ିଶାଭଳି ରାଜ୍ୟରେ ଏହାର ଆବଶ୍ୟକତା ନଥିଲା । ଓଡ଼ିଶାରେ disruptive forces ମଧ୍ୟ କାମ କରୁଛନ୍ତି । ଓଡ଼ିଶାକୁ B. J. P. ବାଲା ବାରମ୍ବାର target କରୁଛନ୍ତି । କଟକ ଏବଂ ଭଦ୍ରକକୁ ସେମାନେ ବାରମ୍ବାର target କରୁଛନ୍ତି । they are trying to disrupt the unity of the country. I only plead before the Government for full enforcement of this Act in the State.

SHRI ASHOK DAS : Chairman Sir, I must congratulate the Government to take a decision to bring such a Bill when the entire country is burning. We are not to play the game of hide & seek before the truth. We do not say there is nothing in the State of Orissa or it will not happen, in whichever manner you speak it here, has got no meaning. To day the fact remains, right from Kashmir to Kanya kumari, may be in smaller or in bigger form, communnality has been infused in the human beings. Well sir, what is the purpose of bringing this bill ? Now I come to the essence of this bill, regarding communal feellings. Well sir, politics and religion has been so much intermingled that perhaps we are not able to have distinction between politics and religion, well, the corrupt people say it is optimum. But what we find in the last 50 years of Independence ? You will be surprised to see after the independence the constitution has been drafted. The people have given the constitution. Well, we have taken a secular attitude. But pakistan has also drafted a constitution. They have not mentioned anything theccratical. Why such a thing has been done ? why the

PUBLIC INFORMATION OFFICER
Public Information Officer
Assembly

predecessors have thought in that line ? Who is to defind it ? How do define it ? Well sir, this intermingle of religion and politics has brought this result to-day. The B. J. P. people what they say, perhaps the Bill is against them. Why ? "ଠାକୁର ଘରେ କିଏ ନାଁ, ମୁଁ କଦଳୀ ଖାଇନାହିଁ" । It is equally for the Muslims. Would you mean to say only the Hindus are spreading communalism? Would you think the Muslims are spreading communalism and the Christians will be out of this spre ? Perhaps there is a clash of Black & white. My friend, it is a question whether the politicians are not so much attached to the existing law-C. R. P. C., I. P. C. of the country. Who is violating it ? Well, we say very easily, ball in the coat of bureaucrats, the officers are doing all these things. You ask yourself of your own conscience. Are we not pleading before the officers, "ତାଙ୍କୁ ଟିକିଏ ଛାଡ଼ିଦେବ, ସେ ମୋର କର୍ମୀ" ? Why ? I am not talking non-sense. We are also a party for the deterioration of the same system of which we have propounded. That is a question whether we will pass this bill or whether the bill will come down. This is a bill which is a land mark. This is a torch bearing of the whole country. The State of Orissa has really thought in advance to bring such a bill to prevent communalism. My B. J. P. friend, Shri B. K. Dco said goondas are more in the Janata Dal. That is why the Goonda Bill has been send and kept in the select Committee. May I ask, only goondas are sheltered under communalism ? If you see the case of moharastra, what happened in Bombay ? Is it not communalism going on their ? There is a clash in Dharabi slums which is the biggest slum in the Asiatic countries. What happened? It is only a fight for land. Who are the persons ? Some of them may be Muslims who want to grab the land. The goondas, in the name of communalism, or the Sibsenas or the Bajrang Dal, they have garbed by the Bhaktas of Ram. What happened to your Advani Ram ? What they did ? They wanted to grab the land. Why they wanted to grab the land ? Who is found communal goonda ? Who are giving them shelter ? This is a hypocratical term. I feel ashmed of it. I really feel ashmed to speak, when we are speaking something hear against goondaism, but when we leave this place we patronise some goondas. What happened in Bhadrak ? who are the persons in B. J. P. ? I want to name them. Who are the persons if I name them, it will be a painful affier. My friends, none other then the criminals those who have taken shelter in the Banner of Dharma. When we speak of Jagannath Sanskruti, somebody speaks about Salabega. So what can I say ? I can say this much, I can quite well say,

"ଅନେକ ଚିତ ବିଭ୍ରାନ୍ତ ମୋହଜାଲେ ସମାବୃତା
ପ୍ରସକ୍ତା କାମଭୋଗେଷୁ ପତନ୍ତି ନରକେ ଶୁଚୌ" ।

Neither you have read Bibekananda କି ବିବେକାନନ୍ଦଙ୍କ ବହିକୁ ବୁଝିପାରିବ ନାହିଁ Coward never goes to the Temple. Only heroes those who have confidence they can alone reach the God. Others, they just deviate from it. But I call a spade a spade.

"ଅନେକ ଚିତ୍ତ ବିଭ୍ରାନ୍ତା । ମୋହଜାଲେ ସମାବୃତାଃ,
ପ୍ରସକ୍ତା କାମଭୋଗେଷୁ ପତନ୍ତି ନରକେଽଶୁଚୌ"

ତାଙ୍କ କାମ ହେଉଛି କ୍ଷମତାକୁ ଯିବେ ଏବଂ Press ବାଲା ତାଙ୍କ କଥାକୁ ଲେଖିବେ । ଯେଉଁ ଘଟଣା ଘଟିଲ, I do not bother for them. ଆମେ ନିଜ ଅଞ୍ଚଳର ପ୍ରତିନିଧିତ୍ୱ କରିବାକୁ ଆସିଛୁ । ଆମେ ଆମର ପ୍ରତିନିଧିତ୍ୱକୁ ଚରିତାର୍ଥ କରିବା । I am confident about that. I am confident on the system that we have propounded. But you know we have already paralised the system. This will give a threat to communalism and to go further this bill has now come, that is the whole thing. We should have distinction between religion and politics. It is the B. J. P. people who are intermingling. But what about Akalies ? They utilised the golden Temple and the religion. What is the position in punjab to-day ? The people have realised and they have come back to the same democratic system. No terrorist is there. No eupheria. Well, I know those who are propagating in the name of Ram they may not succeed.

Well, I know few judicial officers are there, they might be thinking themselves as levers but I will draw the attention of the hon'ble members to take the case of Bhadarak, what had happened there. Or even, take the case of Madhya Pradesh,

THE PUBLIC INFORMATION OFFICE

naw what had happened there. Now it is a constitutional crisis and the president of India has been dragged into that controversy. Might be wrong or might be right, Sir P. V. Narasingha Rao admits it. Look at the entired thing and the attitude of the judicial officers, their behavior to act as judicial dictatorship in the name of constitutional interpretation saying I.P.C. and Cr. P. C. are their. However, I will not deviate myself from the track and say this Bill has been brought at the right moment and I ncongratulate the Minister concerned who has brought this Bill to this house which should take immediate effect. It will be more benificial and more and more States will go for this Bill in the like manner and our Chief Minister has become the torch bearer for the entire people of the contry and for their will being their is no doubt about. some vested interest people want to curb the pious wish of the Government and somehow manage themselves in the present helm of affairs and tried to hold power under the grab of religion but they are abundantly cautioned and well threatened not to wish for to be in power in such a truncketed manner and that will naver be allowed to happen. However, I congratulate the Minister again and again and hope the bill is passed immediately. Thank you.

ଶ୍ରୀ ବସନ୍ତ କୁମାର ବିଶ୍ୱାଳ : ଅଧ୍ୟକ୍ଷ ମହୋଦୟ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରୀ Orissa prevention of Dangerous Activities of Communal offenders Bill, 1993 ଗୃହରେ ଯେଉଁଟା ଉପସ୍ଥାପନ କରିଛନ୍ତି ଏହା ଯେ କେବଳ ଯୁଗ ଉପଯୋଗୀ ହୋଇଛି ତା'ନୁହେଁ ସମୟ ଉପଯୋଗୀ ହୋଇଛି । କାରଣ ଭାରତବର୍ଷର ସ୍ୱାଧୀନତା ଆଣିବା ପାଇଁ ଯେଉଁମାନେ ଲଢ଼େଇ କରି ରକ୍ତ ଦେଇଥିଲେ ତାଙ୍କ ଭିତରେ ଆମର ମୁଖ୍ୟମନ୍ତ୍ରୀ ସେତେବେଳେ ସଂଗ୍ରେସ ଦଳରେ ଥାଇ ମଧ୍ୟ ଲଢେଇ କରିଛନ୍ତି । ସେମାନେ ଭାରତର ସାର୍ବଭୌମ ଓ ଅଖଣ୍ଡତା କ୍ଷୁର୍ଣ୍ଣ ହେଉ ଏକଥା ଚାହୁଁ ନଥିଲେ । ଆଜି କିନ୍ତୁ ରାମଙ୍କ ନାମରେ ଏବଂ ମନ୍ଦିର ମସଜିଦ୍ ନାଁରେ ରାଜନୈତିକ ଫାଇଦା ଉଠାଇ ଭାରତ ବର୍ଷର ସିଂହାସନରେ କ୍ଷମତାସୀନ ହେବା ପାଇଁ ଦିବାସ୍ୱପ୍ନ ଦେଖୁଛନ୍ତି ତାଙ୍କର ସେ ସ୍ୱପ୍ନ ସାର୍ଥକ ହେବ ନାହିଁ । ଆପଣ ଜାଣନ୍ତି ରାମଚନ୍ଦ୍ର ପ୍ରକୃତ ପୁରୁଷ, ପିତୃ ସତ୍ୟ ପାଳନ କରିବା ପାଇଁ, ସକାଳ ହେଲେ ରାଜା ହୋଇଥାନ୍ତେ କିନ୍ତୁ ୧୪ ବର୍ଷ ବନବାସ ଗଲେ । ତାଙ୍କରି ନାଁରେ ଆଜି ଭାରତ ବର୍ଷରେ ସାମ୍ପ୍ରଦାୟିକ ବାଦ ବୀଜ ବପନ କରାଯାଇଛି । ତାଙ୍କର ପିତା ମହାତ୍ମାଗାନ୍ଧୀ ଭାରତ ବର୍ଷ ସ୍ୱାଧୀନତା ପାଇଁ ଲଢ଼େଇ କରିଥିଲେ ସେ ଏକଥା କେବେହେଲେ ଚିନ୍ତା କରି ନଥିଲେ । ଆଜି କିନ୍ତୁ ଯେଉଁ ସାମ୍ପ୍ରଦାୟିକ ଦଳ ଶ୍ରୀରାମଙ୍କ ନାମରେ ରାମରଥ ଚଳାଇ ନିଜେ parliamentରେ ପ୍ରତିଶୃତି ଦେଇଥିଲେ ସେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ସେ ପ୍ରତିଶୃତି ପାଳନ ନକରି ଭଙ୍ଗ କଲେ ଏବଂ ଯେତେବେଳେ ଏ ପ୍ରକାର ଗୋଟିଏ ବିଲ୍ ପ୍ରଥମ ଥର ପାଇଁ ଏ ବିଲ ଆମ ବିଧାନ ସଭାରେ ଆସୁଛି ତାକୁ ଦେଖି ସେମାନେ ଚମକୁଛନ୍ତି । ଅବଶ୍ୟ ଏଠି ଚର୍ଚ୍ଚା ହୋଇଯାଇଛି ଯେ ଆମର I. P. C. ଏବଂ C. R. P. C. ରେ ସାମ୍ପ୍ରଦାୟିକ ଭାବକୁ ଦମନ କରିବା ପାଇଁ ବ୍ୟବସ୍ଥା କରାଯାଇଛି ଏବଂ ସେଥିପାଇଁ କୋର୍ଟ କଚେରୀ ଅଛି । କିନ୍ତୁ ଆପଣ ଜାଣନ୍ତି ନିକଟ ଅତୀତରେ ଭଦ୍ରକ ଏବଂ କେନ୍ଦ୍ରାପଡ଼ାରେ କିଭଳି କାର୍ଯ୍ୟ ହେଲା ଏବଂ 1957 ମସିହାରେ ଓଡ଼ିଶାରେ ଯେଉଁ ଅବସ୍ଥା ହୋଇଥିଲା ସେକଥା ଆପଣ ଜାଣନ୍ତି । ଆଜି ପ୍ରଶ୍ନ ଉଠୁଛି ଭାରତ ବର୍ଷର ସାର୍ବଭୌମ ଓ ଅଖଣ୍ଡତା ରକ୍ଷା ହୋଇ ପାରିବ ନାହିଁ । ସାମ୍ପ୍ରଦାୟିକ ମନୋଭାବର ଯେଉଁ ମନ୍ତ୍ର ଶୁଣାଯାଇଛି ଆପଣ ଜାଣନ୍ତି ଆମର ଏ ଦେଶ ସନାତନ ଧର୍ମର ଆଦର୍ଶକୁ ନେଇ ସବୁ ଧର୍ମକୁ କୋଳେଇ ନେଇଛି । ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଯେଉଁ ରଥଯାତ୍ରା କରନ୍ତି ସେ ସର୍ବଧର୍ମ ସମ୍ମିଳନୀ ପାଇଁ ହୋଇଥାଏ । ସେ ସବୁ ଦୃଷ୍ଟିରୁ ଆମର ଭାରତୀୟ ସମ୍ବିଧାନରେ Secularism ବା ଧର୍ମନିରପେକ୍ଷ ରାଷ୍ଟ୍ର ବୋଲି ଭାରତକୁ ଅଭିହିତ କରାଯାଇଛି । ଏହି ଧର୍ମକୁ ଆଧାର କରି ଯେଉଁମାନେ ଭାରତ ବର୍ଷର ଶାସନ ଗାଦୀକୁ ଆସିବା ପାଇଁ ଚେଷ୍ଟା କରୁଛନ୍ତି ସେମାନେ କେବେ ସଫଳ କାମୀ ହେବେନାହିଁ । ଏହି ପରିପ୍ରେକ୍ଷୀରେ ମୁଁ କହିବା ପାଇଁ ଚାହେଁ Anti Social Bill ଯେଉଁଟା Select କମିଟିକୁ ଯାଇଥିଲା, ଏଠି ପ୍ରଶ୍ନ କରା ଯାଉଛି ସେଇଟା କାହିଁକି ଆସି ପାରିଲା ନାହିଁ select କମିଟିରୁ ଆସିବା ପାଇଁ ଆମ ଭିତରୁ ଯେଉଁମାନେ ସେ କମିଟିର ଯେଉଁମାନେ ସଭ୍ୟ ଥିଲେ ସେମାନେ ତାକୁ delay କରିଛନ୍ତି ।

ଶ୍ରୀ ବିକ୍ରମ କେଶରୀ ଦେଓ : ଆମେ delay କରିନାହୁଁ ଆପଣଙ୍କର JLP ମିଟିଙ୍ଗରେ delay ହୋଇଛି ।

ଶ୍ରୀ ବସନ୍ତ କୁମାର ବିଶ୍ୱାଳ : ସାର୍ ମୁଁ କହିବା ପାଇଁ ଚାହେଁ ଡିସେମ୍ବର 6 ତାରିଖ ଘଟଣା ପରେ ଦେଶର ପ୍ରଭୃତ ଜାଗାରେ ଯେଉଁ ଉଗ୍ର ବାତାବରଣ ସୃଷ୍ଟି ହେଲା ସେଥିରେ ବହୁ ଧନ ଜୀବନ ନଷ୍ଟ ହେଲା ଏବଂ ବମ୍ବେରେ ମାର୍ଚ୍ଚ 12 ତାରିଖ ଘଟଣାର ଦୁଇଦିନ ପରେ କଲିକତାରେ ଯେଉଁ ଘଟଣା ଘଟିଲା ଏବଂ ବିସ୍ଫୋରଣ ହେଲା ସେଥିରେ ବହୁ ଲୋକଙ୍କର ପ୍ରାଣହାନୀ ହେଲା । ଆମ ଭାରତ ବର୍ଷରେ ଶିକ୍ଷିମନାଇଙ୍କର ଅଭାବ ନାହିଁ, ଯେଉଁମାନେ ଏ ଦେଶର ସ୍ୱାଧୀନତା, ସାର୍ବଭୌମ ଓ ଅଖଣ୍ଡତାକୁ ସବୁବେଳେ ବିପର୍ଯ୍ୟସ୍ତ ଓ ନଷ୍ଟ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ପ୍ରତିହତ କରିବା ପାଇଁ ଏଭଳି ଆଇନର ସର୍ବାଦୌ ଆବଶ୍ୟକତା ରହିଛି ଏଥିରେ କୌଣସି ସନ୍ଦେହ କରିବାର ନାହିଁ । ସାର୍, ବମ୍ବେ ହେଉଛି ଆମର ଅର୍ଥନୀତି ବା Financial Capital of India ଏବଂ 12 ତାରିଖ ଘଟଣାପରେ ଦେଶର ଦୁଇଟି ବଡ଼ Presidenceରେ ଯେଉଁ ଅବସ୍ଥା ହେଲା ତାକୁ କଣ ଆମେ ସବୁ ଆଖି ବୁଜି ସହିଯିବା । ତା'ହେଲେ ଏ ଅବସ୍ଥାର ସମାଧାନ ହେବ ନାହିଁ । ଆଜି ଏ ଦେଶର ଅର୍ଥନୀତିକୁ ଦୁର୍ବଳ

THE PUBLIC INFORMATION OFFICE

କରିବା ପାଇଁ ବହୁ ଶିଖିମନାଇଙ୍କ ଜରିଆରେ ବାହାର ଲୋକ ଏ ଦେଶରେ ଗଣ୍ଡଗୋଳ ଓ ଅସ୍ଥିରତା ସୃଷ୍ଟି କରିବା ପାଇଁ ପ୍ରଚ୍ଛନ୍ନ ଚେଷ୍ଟା ଚଳାଇଛନ୍ତି । ବମ୍ବେର ଗ୍ଲାଣ୍ଡ ଆଉକ୍ଷ୍ମାଟ୍ ଯେଉଁ ସେନି ପରିବାର ଏବଂ କଲିକତାର ସଟ୍ଟା ବା ଜୁଆ ଖେଳୁଥିବା ଲୋକ ରସିଦ୍, ଦାଉଦ ଏବଂ ଇସମାଇଲ ଏ ସମସ୍ତ ଭାରତୀୟ ନାଗରିକ କିଂରୁ ସେମାନେ ଭାରତ ବର୍ଷରେ ଯେଉଁ ଅସ୍ଥିରତା ଏବଂ ବିପର୍ଯ୍ୟସ୍ତ ସୃଷ୍ଟି କଲେ ସେଥିରେ ଏ ପବିତ୍ର ଭାରତ ବର୍ଷ ଯେ କି ଶ୍ରୀରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ଏବଂ ଏ ଦେଶର ନାଗରିକ ଶାନ୍ତିପ୍ରିୟ ସେମାନଙ୍କର ସେ ମନୋଭାବ, ପରାକାଷ୍ଠା ଏବଂ ଦେଶ ଭକ୍ତିକୁ ଏହିଭଳି ବିଭ୍ରାନ୍ତ କରାଯାଉଛି ଏବଂ ଦେଶରେ ଅସ୍ଥିରତା ସୃଷ୍ଟି କରାଯାଉଛି । Indian penal codeରେ ଯଦି ସମସ୍ତ ବ୍ୟବସ୍ଥା ଅଛି, ତା ହେଲେ 1980 ମସିହାରେ କାହିଁକି National Security Act ଅଣାଗଲା ? Indian Penal Code ରେ ଯେଉଁ ବ୍ୟବସ୍ଥା ଅଛି ତାହା ଯଥେଷ୍ଟ ନୁହେଁ । ଏଥିପାଇଁ ସେ Act ଅଣାଗଲା । ଆଜି ଯେଉଁ ଭଳି ଭାବରେ ଅବସ୍ଥା ସୃଷ୍ଟି ହୋଇଛି, ଆମେ ଅପେକ୍ଷାକୃତ ଭାବେ ଓଡ଼ିଶାରେ ଭଲରେ ଅଛୁ । ଓଡ଼ିଶାରେ କୌଣସି communalism ନାହିଁ । ମୁଁ ଏ ସମ୍ପର୍କରେ ଗୋଟିଏ କଥା କହିବି, ଆମର ନବରଙ୍ଗପୁରର ସଭ୍ୟ ଯଦିଓ Minority Community ର ଲୋକ ତାଙ୍କୁ ହିନ୍ଦୁ ଭାଇମାନେ vote ଦେଇ ଆଣିଛନ୍ତି । ଯଦିଓ ଆମେ Minority Community କୁ ସମସ୍ତ ସୁବିଧା ସୁଯୋଗ ଦେବାପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଛୁ, (Interruption) ବର୍ତ୍ତମାନ ଯେଉଁମାନେ କହୁଛନ୍ତି, ବ୍ୟକ୍ତିଗତ ସ୍ୱାଧୀନତା ସଙ୍କୁଚିତ ହୋଇଯାଉଛି, ମୋର କହିବା କଥା ଭାରତବର୍ଷରେ ଯେଉଁ ଆଇନ କରାଯାଇଛି, ସେ ଆଇନ ଭିତରେ ଆମେ ସମସ୍ତେ ରହିବା କଥା । କିନ୍ତୁ ଆଜି ଆମର ପଞ୍ଚମ ବାହିନୀର ଅଭାବ ନାହିଁ । ଆମ ଓଡ଼ିଶାରେ ଏହା ଅଛନ୍ତି କି ନାହିଁ, ମୁଁ ଜାଣେନା । ସାର୍, ଆପଣ ଜାଣନ୍ତି, ଇଂରାଜୀରେ ଗୋଟିଏ କଥା ଅଛି, prevention is better than cure. ଆପଣ ଦେଖିବେ ଏ ଯେଉଁ Bill ଅଣାଯାଇଛି Prevention of Dangerous Activities of communal offenders ଯେଉଁମାନେ communal offender ଅଛନ୍ତି, ସେମାନଙ୍କ ପାଇଁ ଏହା ଅଣାଯାଇଛି । prevention is better than cure ସେଥିପାଇଁ ଏ Bill ଟି ସରକାର ଆଣିଛନ୍ତି । ଏଥିରେ କିଛି ଅସୁବିଧା ନାହିଁ ।

Mr. CHAIRMAN (Shri R. K. RAM): ଆପଣ ଦୟାକରି ଶୀଘ୍ର ଶେଷ କରନ୍ତୁ ।

ଶ୍ରୀ ବସନ୍ତ କୁମାର ବିଶ୍ୱାଳ : ସାର, ଆପଣ ଦେଖିବେ ଭୁବନେଶ୍ୱରର ସତ୍ୟ ନଗର, ପୁରୀ, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ରାଜ୍ୟର ବହୁ ପ୍ରଧାନ କେନ୍ଦ୍ର ମାନଙ୍କରେ ଅନୁପ୍ରବେଶକାରୀମାନେ ପହଞ୍ଚିଛନ୍ତି । ଏ ସବୁ ଅଞ୍ଚଳରେ ଏମାନଙ୍କୁ ରୋକିବାପାଇଁ ସରକାର କ'ଣ Indian Penal Code ଅନୁସାରେ କୋର୍ଟ କଚେରୀକୁ ଯିବେ ଏବଂ ଓକିଲ ଦେବେ । ଯଦି ହଠାତ୍ କିଛି ହୋଇଗଲେ ତାକୁ କିଭଳି ଭାବରେ ଅଟକାଯିବ ? ସେଇଥିପାଇଁ ଏ Billଟି ଅଣା ଯାଇଛି । ଯାହା ପୁଅକୁ ସାପ କାମୁଡ଼େ ତା ମା ପାଳ ଦଉଡ଼ି ଦେଖିଲେ ଡରେ । ବମ୍ବେ, କଲିକତାରେ ଯାହା ଘଟିଲା ଏବଂ ଓଡ଼ିଶାରେ କ'ଣ ହେବ କିଏ କହିବ ? ଓଡ଼ିଶାରେ ବହୁ ବାହାର ଲୋକ ଅଛନ୍ତି । ସେମାନେ ଆସି କ'ଣ କରୁଛନ୍ତି ତାକୁ ଦେଖିବାକୁ କ'ଣ ବ୍ୟବସ୍ଥା କରାଯାଇଛି । ସାର, ଆପଣ ଜାଣନ୍ତି, କଟକ ସହରରେ ବାରମ୍ବାର ଦଙ୍ଗା ହେଉଛି । କେନ୍ଦ୍ରାପଡ଼ାରେ ବାରମ୍ବାର ଦଙ୍ଗା ହେଉଛି । ଯେଉଁମାନେ ଦଙ୍ଗା କରିବାପାଇଁ ଉଦ୍ୟମ କରୁଛନ୍ତି ସେମାନଙ୍କୁ କେମିତି ଦମନ କରାଯିବ ? ତା'ପରେ ଆପଣ ଦେଖିବେ ବହୁ ସଂଖ୍ୟାରେ ଲୋକ ବାହାରୁ ଆସି କଟକରେ ରହୁଛନ୍ତି । ସେମାନେ ଆସିଲାବେଳେ ରାଜମିସ୍ତ୍ରୀ କହି ଆସୁଛନ୍ତି । କାରିଗର ଓ ବିଭିନ୍ନ କାମ କରୁଛନ୍ତି । ସେମାନେ କ'ଣ କରୁଛନ୍ତି ସେକଥା କିଏ ଜାଣୁଛି । ସାରୁ ଭିତରେ ମାଙ୍କୁ ଅଛି । ସେମାନଙ୍କ କଥା ଜାଣିବାପାଇଁ ଚେଷ୍ଟା କରାଯାଉ ନାହିଁ । ଯେଉଁ ସବୁ ଲୋକ ରହୁଛନ୍ତି ସେମାନେ ଯେଉଁ ଷଡ଼ଯନ୍ତ୍ରମୂଳକ କାର୍ଯ୍ୟ କରିବାପାଇଁ ଚେଷ୍ଟା କରୁଛନ୍ତି ତାକୁ କିଭଳି ପ୍ରତିହତ କରାଯିବ, ସେଥିପାଇଁ ଏ ଆଇନ ଆସିଛି । ମୁଁ ମାନୁଛି, ସବୁ ଆଇନ 100% effective ହୋଇନାହିଁ । ବର୍ତ୍ତମାନ କୁହାଯାଉଛି ଯେ ତରବରିଆ ଭାବରେ ଏ ଆଇନ ଅଣାଯାଇଛି । ଏହାକୁ Select Committeeକୁ ପଠାଯାଉ । ମୋର କହିବା କଥା ଆମେ ଏପରି ଆଇନ ପାସ୍ କଲାପରେ ଯଦି କୌଣସି ଅସୁବିଧା ହେଲା 3 ମାସପରେ ଯେଉଁ Assembly ବସିବ Amendment ଆଣି ଏ ସମ୍ପର୍କରେ ଚର୍ଚ୍ଚା କରି ତାହା ସଂଶୋଧନ କରିବାପାଇଁ ଚେଷ୍ଟା କରିବା । ଆଉ ଗୋଟିଏ କଥା କହିବି । ଆଜି ଯେପରି ଭାବରେ ମାରଣାସ୍ତ୍ର ଏବଂ ନିଶାର ବ୍ୟାପକ ବେପାର କାରବାର ହେଉଛି ଜମ୍ମୁ, ମହାକାଳପଡ଼ାଦେଇ ଏସବୁ ଜିନିଷ ଆସୁଛି । ଏସବୁ ଦ୍ୱାରା dangerous activities କରାଯାଉଛି । Communal harmory ସୃଷ୍ଟି କରିବାପାଇଁ ଚେଷ୍ଟା କରୁଛନ୍ତି ଏବଂ ଯେଉଁ ଦଙ୍ଗା ହେଉଛି ନିଶ୍ଚିତ ଭାବରେ ଏ Bill ଦ୍ୱାରା ତାକୁ ରୋକାଯାଇ ପାରିବ । ଯେପରି N. S. A. ରହିଛି ସେହିଭଳି ଏହା କାମ କରିବ । ଏହାକୁ Select Committeeକୁ ପଠାଇବାର ଆବଶ୍ୟକତା ନାହିଁ । ବର୍ତ୍ତମାନ ବ୍ୟବସ୍ଥା ହୋଇଛି ଯେ Assembly 4 ମାସ ବସିବ । ଓ Billରେ ଯାହାସବୁ lacuna ଜଣାପଡ଼ିବ 4 ମାସପରେ ତାର Amendment କରାଯିବ । ସଂସଦୀୟ ବ୍ୟାପାର ମନ୍ତ୍ରୀ ଏ ଯେଉଁ Bill ଆଣିଛନ୍ତି, ମୁଁ ମାନ୍ୟବର ମନ୍ତ୍ରୀଙ୍କୁ ଅନୁରୋଧ କରୁଛି ସେ ଯେଉଁ ସବୁ ଆଶଙ୍କା ପ୍ରକାଶ ପାଉଛି ତାକୁ clear କରିବେ । ଆଉ ଗୋଟିଏ କଥା କହିବି । ଭାରତ ବର୍ଷରେ ଯେଉଁମାନେ ପଞ୍ଚମ ବାହିନୀ ରୂପେ ଭାରତ ବର୍ଷକୁ ଖଣ୍ଡ ବିଖଣ୍ଡିତ କରିବାପାଇଁ ଉଦ୍ୟମ କରୁଛନ୍ତି ତାକୁ ରୋକିବାପାଇଁ ଏଭଳି ଏକ ଅନୁରୂପ Bill ସଂସଦୀୟ ବ୍ୟାପାର ମନ୍ତ୍ରୀ Parliamentରେ ଆଣିବାପାଇଁ ବ୍ୟବସ୍ଥା କରୁଛନ୍ତି । ପ୍ରଧାନ ମନ୍ତ୍ରୀ P.V. Narasing Rao ଏଭଳି ଏକ Bill ଆଣିବାପାଇଁ ମଧ୍ୟ ଠିକ୍ କରିଛନ୍ତି । ଏ ଯେଉଁ Bill ବର୍ତ୍ତମାନ Assemblyରେ ଆସିଛି । ଏହା ଯେତେ ଜଲଦି ପାସ୍ କରାଯିବ, ମୁଁ ଆପଣଙ୍କ ଜରିଆରେ ମାନ୍ୟବର ମନ୍ତ୍ରୀଙ୍କୁ ଅନୁରୋଧ କରୁଛି । ଯେଉଁ କେତେଜଣ ଗୋଟାଖଣ୍ଡିଆ ଅଛନ୍ତି,

...HE PUBLIC INFORMATION OFFIC...

ଯେଉଁମାନଙ୍କ ଉପରେ ଭାରତବର୍ଷ ଲୋକଙ୍କର ବିଶ୍ୱାସ ନାହିଁ, ସେଭଳି 3 ଜଣଙ୍କୁ ଛାଡ଼ି ସମସ୍ତେ ଏହାକୁ ସର୍ବାନୁକରଣରେ ଗ୍ରହଣ କରିବେ ବୋଲି ମୋର ବିଶ୍ୱାସ । ଏତକ କହି ଆପଣ ମୋତେ ସମୟ ଦେଇଥିବାରୁ ମୁଁ ଆପଣଙ୍କୁ ଧନ୍ୟବାଦ ଦେଇ ମୋର ବକ୍ତବ୍ୟ ଶେଷ କରୁଛି ।

ଶ୍ରୀ ଦେବନାରାୟଣ ପାଣିଗ୍ରାହୀ : Chairman Sir, ମାନ୍ୟବର ସଂସଦୀୟ ବ୍ୟାପାର ମନ୍ତ୍ରୀ, ଯେଉଁ Bill ଆଗତ କରିଛନ୍ତି, ତାକୁ ମୁଁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରୁଛି । ସାର୍, ଆଜି ଏ Bill ଉପରେ ଯେଉଁ ପ୍ରତିକ୍ରିୟା ପ୍ରକାଶ ପାଇଛି, B. J. P.ର full form ମୁଁ ଜାଣେ ନାହିଁ । ଭାରତୀୟ ଜନତା ପାର୍ଟି କୁହାଯାଇପାରେ । ବାଜପେୟୀ, ଯୋଶୀ ପାର୍ଟି । ଏଠି ବିକ୍ରମ, ଜୁଏଲ ପାର୍ଟି କୁହାଯାଇପାରେ । ମୁଁ ଏତକ ନିଶ୍ଚିତ ଭାବରେ କହିବି । ଗୋଟିଏ ସାଂପ୍ରଦାୟିକତା ଉପରେ ହସ୍ତକ୍ଷେପ କରି ଦେଶକୁ ଖଣ୍ଡ ବିଖଣ୍ଡିତ କରିବାପାଇଁ, ରାମଚନ୍ଦ୍ରଙ୍କ ନାଁ ଦୋହାଇଦେଇ ସମସ୍ତ କଥାକୁ ଜଳାଞ୍ଜଳି ଦେଇ ଯେଉଁ ଦଳ କାମ କରୁଥାଏ ସେ ହେଉଛି B. J. P. ପାର୍ଟି । ଏ ଆଇନ ସଂକ୍ରାନ୍ତରେ କହିବା ପୂର୍ବରୁ ମୁଁ ରାମାୟଣ କଥା ଟିକିଏ କହିବି । ଗୋଟିଏ ଯାଗାରେ ରାମାୟଣ ପ୍ରବଚନ ହେଉଥିଲା । ସାର୍ ଆପଣ ଜାଣନ୍ତି ରାମାୟଣ ପ୍ରବଚନ ଯେଉଁଠି ହୁଏ, ହନୁମାନ ସେଠି ଉପସ୍ଥିତ ରହିବେ । ସୀତାନ୍ୱେଷଣ topic ଯେତେବେଳେ ପଡ଼ିଛି, ହନୁମାନ ମୁଦ୍ରିକା ନେଇ ପିନ୍ଧାଇ ଦେଇଛି । ଏ ସମ୍ପର୍କରେ ଯେତେବେଳେ ପ୍ରବଚନ ଦେଉଥିଲେ—ଯିଏ ପ୍ରବଚନ ଦେଉଥିଲେ, ସେ କହିଲେ ଯେ ଯେଉଁ ମୁଦ୍ରିକା ନେଇ ହନୁମାନ ସୀତାଙ୍କୁ ଦେଲେ, ସେ ମୁଦ୍ରିକାରେ ଗୋଟିଏ ନୀଳ ରଙ୍ଗର ପଥର ବସିଛି । ଏହା ଅତି ସୁନ୍ଦର ଏବଂ ଏହା ଏକ ନୀଳ ପଥର, ଏହା ଗୃଭକୋଣ ବିଶିଷ୍ଟ । ଏକଥା କହିଲାବେଳେ ସେଠୁ ଏ କଥା ଶୁଣି ହନୁମାନ ରାଗିକରି ଚାଲିଗଲେ । ହନୁମାନ ସେଠାରୁ ରାଗିକରି ବିରକ୍ତ ମନରେ ଚାଲି ଆସୁଛନ୍ତି । ଆଗରୁ ତାଙ୍କର ପ୍ରଭୁ ରାମଚନ୍ଦ୍ର ସମ୍ମୁଖରୁ ଆସୁଛନ୍ତି । ଆପଣ ଜାଣନ୍ତି ତିଳକ ଥିଲା ବ୍ରାହ୍ମଣମାନଙ୍କର symbol. ସେତେବେଳେ ରାମଚନ୍ଦ୍ର ବୃଦ୍ଧ ବ୍ରାହ୍ମଣ ବେଶରେ ଆସୁଛନ୍ତି । ରାମଚନ୍ଦ୍ରଙ୍କୁ ହନୁମାନ ନମସ୍କାର କଲେ । ପ୍ରଭୁ ରାମଚନ୍ଦ୍ର ତ ବ୍ରାହ୍ମଣ ବେଶରେ ଥିଲେ । ତେଣୁ ହନୁମାନ ଚିହ୍ନି ପାରିଲେ ନାହିଁ । ରାମଚନ୍ଦ୍ର ପଚାରିଲେ କୁଆଡ଼େ ଯାଇଥିଲ । ହନୁମାନ କହିଲେ ପ୍ରବଚନ ହେଉଥିଲା, ତେଣୁ ମୁଁ ଶୁଣିବାକୁ ଯାଇଥିଲି । ତା'ପରେ ସେମାନେ ଗୋଟିଏ କୂଅ ମୂଳରେ ବସି କଥାବାର୍ତ୍ତା ହେଲେ । ହନୁମାନ ସବୁ କଥା କହିଲେ । ପ୍ରବଚନ ହେଉଥିଲା । ମୁଁ ଯାଇଥିଲି ଓ ଶୁଣୁଥିଲି । ଶୁଣିଲାବେଳେ ଗୋଟିଏ ନୀଳ ରଙ୍ଗର ଗୃଭକୋଣିଆ ପଥରର ମୁଦିକୁ ନାଲି ରଙ୍ଗର ଗୋଲ ପଥରର ମୁଦି ବୋଲି କହୁଛନ୍ତି । ତେଣୁ ମୁଁ ଚାଲିଆସିଲି । ରାମଚନ୍ଦ୍ର କହିଲେ ମୁଁ ଦେଖାଇଲେ ମୋତେ କହିପାରିବ କେଉଁ ମୁଦି । ହନୁମାନ କହିଲେ ମୁଁ ଦେଖାଇ ପାରିବ । ତା ପରେ ରାମଚନ୍ଦ୍ର ହାତ ବଢ଼ାଇଲେ କୂଅ ଭିତରକୁ । କୂଅ ଭିତରୁ ମୁଠା କରି ହାତ ଆଣିଛନ୍ତି । ମୁଠା ଖୋଲି ଦେଖାଇଛନ୍ତି । ଦେଖିଲା-ବେଳକୁ କମ୍ ସେ କମ୍ 151 ମୁଦି ସେ ଭିତରେ ଅଛି । ପ୍ରବଚନରେ ଯେଉଁ ମୁଦି କଥା ଶୁଣିଥିଲେ ସେଇଟା ବି ଅଛି ଓ ସେ ଯେଉଁଟା କହୁଥିଲେ ସେଇଟା ବି ଅଛି ଓ ଆହୁରି 149 ପ୍ରକାରର ମୁଦି ଅଛି । ସେଠାରୁ ହନୁମାନ ଆଶ୍ଚର୍ଯ୍ୟ ହୋଇଗଲେ ଓ କହିଲେ ଏ ରାମଚନ୍ଦ୍ରଙ୍କ ବ୍ୟତୀତ ଆଉ କେହି ନୁହନ୍ତି । ତା ପରେ କହିଲେ ପ୍ରଭୁ ମୋର ଅପରାଧ କ୍ଷମା କର । ରାମଚନ୍ଦ୍ର କହିଲେ ହନୁମାନ ତୁମେ ଜାଣିନାହିଁ କେତେ ତ୍ରେତା ଯୁଗ ଗଲାଣି । ମୁଁ କେତେଥର ଜନ୍ମଗ୍ରହଣ କଲିଣି । ତୁମେ କେତେ ଥର ମୁଦି ନେଇଗଲଣି । ଥରେ ନେଇଥିବ ନାଲି ରଙ୍ଗର ମୁଦି, ସେହିପରି ଗୃଭକୋଣିଆ ମୁଦି ନେଇଥିବ । ତୁମର ମନେ ପଡୁନଥିବ । ମୁଁ ଆଜି ସେହି B. J. P. ଦଳକୁ ପଚାରିଦେବାକୁ ଚାହେଁ ଯେଉଁମାନେ କହୁଛନ୍ତି ରାମଚନ୍ଦ୍ର ଜନ୍ମ ହୋଇଥିଲେ ବାବ୍ରି ମସଜିଦରେ, ଅଯୋଧ୍ୟାରେ, କିନ୍ତୁ ମୁଁ ଦାବି କରିବି ରାମଚନ୍ଦ୍ର ଜନ୍ମ ହୋଇଥିଲେ ଭବାନୀପାଟଣା ରାଜ ପ୍ରାସାଦରେ ଓ ରାମଚନ୍ଦ୍ର ଉଇଲ୍ କରି ଯାଇଥିଲେ ସେହି ରାଜ ପ୍ରାସାଦରେ ଓଡ଼ିଶାର ଜନ-ସାଧାରଣଙ୍କ ପାଇଁ ଡାକ୍ତରଖାନା ଓ Orphange ଖୋଲିବ । ମୁଁ ସରକାରଙ୍କ ପାଖରେ ଦାବି କରିବି ଭବାନୀପାଟଣା ରାଜପ୍ରାସାଦକୁ acquire କରାଯାଉ ଓ ରାମଚନ୍ଦ୍ରଙ୍କର ଉଇଲ୍‌କୁ କାର୍ଯ୍ୟକାରୀ କରି Orphange ଖୋଲାଯାଉ । ସାର୍, ଗୋଟିଏ କଥା ମୁଁ କହିବି ଯେଉଁମାନେ ଆଜି ରାମଚନ୍ଦ୍ରଙ୍କ ନାଁରେ ଦୋହାଇ ଦେଇ ଦେଶକୁ ଖଣ୍ଡ ବିଖଣ୍ଡ କରିବା ପାଇଁ ଚାହୁଁଛନ୍ତି, ରାମଚନ୍ଦ୍ର କଦାପି ତାହା ଚାହୁଁ ନଥିଲେ । ରାମଚନ୍ଦ୍ର ରାବଣକୁ ମାରି ସାରିଲା ପରେ ଯେତେବେଳେ ଅଯୋଧ୍ୟାକୁ ଫେରିଲେ ବଶିଷ୍ଠଙ୍କୁ କହିଲେ, ହେ ଗୁରୁ ମୁଁ ତ ରାବଣକୁ ମାରି ଫେରିଲି ଆଉ ଏ ବଂଶକୁ ରଘୁବଂଶ କାହିଁକି ଡକାଯିବ ଆଜିଠାରୁ ରାମବଂଶ ଡକାଯାଉ । ବଶିଷ୍ଠ କହିଲେ ଠିକ୍ ଅଛି । ରାମ ବଂଶ କରିଦେବା ମୋର ଗୋଟିଏ କଥା ଶୁଣ । ଯଦି ଠିକ୍ ହେବ ତେବେ ରାମ ବଂଶ କରିଦେବା । ସେଠାରୁ ବଶିଷ୍ଠ କହିଲେ ଦେଖ ଜଣେ ଲୋକ ଆସି ରାଜପ୍ରାସାଦରେ ପହଞ୍ଚିଲା ଓ କହିଲା ରାଜା ଭାରି ଆନନ୍ଦରେ ଅଛନ୍ତି । କେତେ ରାଣୀ ତାଙ୍କର ଅଛନ୍ତି । କିନ୍ତୁ ଆମେ ସବୁ ଦୁଃଖରେ ଜୀବନ ଯାପନ କରୁଛୁ । ଏତକ କଥା ଯେତେବେଳେ କହୁଛି, ରାଜା ରଘୁ ମନକଥା ଜାଣିପାରୁଥିଲେ ଓ ସେତେବେଳେ ସେ ରାଜତ୍ୱ କରୁଥିଲେ । ସେ ତାଙ୍କର ରାଣୀଙ୍କୁ ଗରିବ ଲୋକଙ୍କୁ ଦାନ କରିଦେଲେ ଓ ତାହା ସଙ୍ଗେ ସଙ୍ଗେ ଜମି, ବାଡ଼ି, ଧନ, ଆଦି ରାଜକୋଷରୁ ଦେବାପାଇଁ ବ୍ୟବସ୍ଥା କରିଦେଲେ । କିନ୍ତୁ, ହେ, ରାମଚନ୍ଦ୍ର ଯେଉଁ ରଘୁ ଏତେ ଦୟା ପରବଶ ହୋଇ ଜଣେ ଗରିବ ଲୋକର ମନକୁ ଶାନ୍ତି କରିବାପାଇଁ ରାଣୀ, ଧନ, ସମ୍ପତ୍ତି ଆଦି ଦାନ କରିଦେଲେ କିନ୍ତୁ ମାତ୍ର ଗୋଟିଏ ରାଣୀ ପାଇଁ ଗୋଟିଏ ସୁବର୍ଣ୍ଣପୁରୀ ଲଙ୍କାକୁ ଧ୍ୱଂସ କରି ଚାଲି ଆସିଲେ । ତାହାହେଲେ ତୁମେ ମହାନ୍ ନା ରଘୁ ମହାନ୍, ଯେଉଁ ରାମଚନ୍ଦ୍ର ଗୋଟିଏ ଧୋବଣୀର କଥାରେ, ଧୋବଣୀର ମତାମତକୁ ସମ୍ମାନ ଦେଇ ତାଙ୍କର ପ୍ରାଣପ୍ରିୟା ସୀତାଙ୍କୁ ବାହାର କରିଦେଲେ ସେ ମହାନ୍ ନା ରଘୁ ମହାନ୍ । ସେହିପରି ଏମାନେ କୋଟି କୋଟି ଜନସାଧାରଣଙ୍କ ମତାମତକୁ ଉପେକ୍ଷା କରି ରାମଚନ୍ଦ୍ରଙ୍କ ନାଁରେ ଦୋହାଇ ଦେଇ ଦେଶକୁ ଖଣ୍ଡ ବିଖଣ୍ଡିତ କରିବାକୁ ଯାଉଛନ୍ତି । ଧିକ୍ ତାଙ୍କୁ । ଶତ ଧିକ୍ । ମୁଁ କହିବି ଏ ବିଲ୍ ବରଂ କୋହଳ ହୋଇଯାଇଛି । ଆହୁରି କଡ଼ାକଡ଼ି

THE PUBLIC INFORMATION OFFICER

ବ୍ୟବସ୍ଥା ରହିବା ଆବଶ୍ୟକ ଓ କଠୋର ଭାବରେ ସାମ୍ପ୍ରଦାୟିକତାକୁ ଦମନ କରାଯିବା ଆବଶ୍ୟକ । ଏତିକି କହି ଆପଣଙ୍କୁ ଧନ୍ୟବାଦ ଦେଇ ମୁଁ ମୋର ବକ୍ତବ୍ୟ ଶେଷ କରୁଛି ।

ଶ୍ରୀ ଅଜୟକୁମାର ଜେନା : Chairman ମହୋଦୟ, ଆଜି ଗୃହରେ ମାନ୍ୟବର ସଂସଦୀୟ ବ୍ୟାପାର ମନ୍ତ୍ରୀ ଯେଉଁ "The Orissa Prevention of Dangerous Activities of Communal offenders Bill, 1993 ଆଗତ କରିଛନ୍ତି, ମୁଁ ତାକୁ ସ୍ୱାଗତ ଓ ସମର୍ଥନ କରୁଛି । ଏ ବିଲ୍ ଆସିବାର ନିହାତି ଆବଶ୍ୟକ ଥିଲା । ତେଣୁ ଏହା ଆସିବାରେ ଡେରି ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଠାରେ ଏ ସଂପର୍କରେ ବହୁ ଆଲୋଚନା ହୋଇ ସାରିଲାଣି । ଏହି ଆଲୋଚନାରେ ଦୁଇଟି ମତ ପ୍ରକାଶ ପାଉଛି । ଯେଉଁମାନେ ଏହି ବିଲକୁ ବିରୋଧ କରୁଛନ୍ତି ଓ ଯେତେ ଆଲୋଚନା ହେଲାଣି ତା ଭିତରୁ ଦୁଇଟି କଥା ବାହାରୁଛି । ଗୋଟିଏ ହେଉଛି ଓଡ଼ିଶା ରାଜ୍ୟରେ Communalism ନାହିଁ । ଦ୍ୱିତୀୟଟି ହେଉଛି Individual libertyକୁ ବାଧା ଦେବା । ଏ ଦୁଇଟି ବିଷୟରେ ଆଲୋଚନା ହେଉଛି । Communalism ଗୋଟିଏ ଜିନିଷ ନିର୍ଦ୍ଦିଷ୍ଟ ଭାବରେ ନଥାଏ । ଏଇଟା ଯେ କୌଣସି ମୁହୂର୍ତ୍ତରେ ଯେ କୌଣସି ସମୟରେ ଅବସ୍ଥା ଚରମରେ ଆସି ପହଞ୍ଚି ଯାଏ । ଏକଥା ସତ୍ୟ ଭାରତ ବର୍ଷର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ Communalism ପହଞ୍ଚି ନାହିଁ କିନ୍ତୁ ଭାରତ ବର୍ଷର ସାଂପ୍ରଦାୟିକ ଶକ୍ତିମାନେ ଓଡ଼ିଶାରେ Communalismକୁ ଭଲ ଭାବରେ ରୋପଣ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ଗୋଟିଏ ଦୁଇଟିଆ ଉଦାହରଣ ଦେଇ ମୋର ବକ୍ତବ୍ୟ ଶେଷ କରିବି । ଆପଣ ଜାଣନ୍ତି ଜଗନ୍ନାଥଙ୍କ ଗର୍ଭଗୃହ ମରାମତି ପାଇଁ ରତ୍ନ ସିଂହାସନକୁ ସ୍ଥାନାନ୍ତରିତ କରାଯାଇଥିଲା ସେତେବେଳେ ଓଡ଼ିଶାର ସମସ୍ତ ଜନସାଧାରଣ ଖୋଲ କୀର୍ତ୍ତନ କରି ବଡ଼ଦାଣ୍ଡ ସାରା ବୁଲିଲେ । ଏହାର ସୁଯୋଗ ନେଇ ବିଶ୍ୱ ହିନ୍ଦୁ ପରିଷଦ ସେଠାରେ ମାସକ ଆଗରୁ ଗାଁ ଗହଳରେ ପ୍ରଚାର କଲେ ଯେ ଲକ୍ଷେ ସାଧୁ ଆସିବେ ଇତ୍ୟାଦି ଇତ୍ୟାଦି କହି ସବୁ ଲୋକଙ୍କୁ ନିମନ୍ତ୍ରଣ ଦେଇଦେଲେ ଓ କହିଲେ ତୁମେ ସମସ୍ତେ ଖୋଲ କୀର୍ତ୍ତନ କରି ଯିବ ତେଣୁ ଗୋଟିଏ ଗୋଟିଏ ବ୍ୟାଚ୍ ରଖ । ଏପରି ସମସ୍ତଙ୍କୁ ଗୋଟିଏ ଗୋଟିଏ ବ୍ୟାଚ ଦେଲେ, ସେଥିରେ ଲେଖାଯାଇଛି "ବିଶ୍ୱ ହିନ୍ଦୁ ପରିଷଦ" ସେମାନଙ୍କୁ କହିଲେ ତୁମେ ସବୁ ଖୋଲ କୀର୍ତ୍ତନ କରିବାକୁ ଗଲେ ତୁମକୁ ଖାଇବାକୁ ଦିଆଯିବ । ଆପଣ ଜାଣିବେ କିଭଳି ଭାବରେ ସେମାନଙ୍କୁ ବିଭ୍ରାନ୍ତ କରାଯାଇଛି । ସ୍ୱାଭାବିକ ଭାବରେ ଯେତେବେଳେ ଜଗନ୍ନାଥ ସ୍ଥାନାନ୍ତରିତ ହେଉଛନ୍ତି ସେତେବେଳେ ଲୋକମାନେ ଆସିବେ ଏବଂ ନ କହିଥିଲେ ମଧ୍ୟ ସେମାନେ ଆସିଥାନ୍ତେ । ସ୍ୱାଭାବିକ ଭାବରେ ଲୋକମାନେ ବୁଲି ବୁଲି ଗୋଟି ଗୋଟି କରି ଆସିଲେ ଓ ସିଂହଦ୍ୱାରରେ ଯାଇ ପହଞ୍ଚିଲେ । ସେମାନେ ଖାଇବାକୁ ବ୍ୟସ୍ତ ନୁହନ୍ତି । କିନ୍ତୁ ବିଶ୍ୱ ହିନ୍ଦୁ ପରିଷଦବାଲା ଭାରି ବ୍ୟସ୍ତ । କାରଣ ସେମାନେ ଶରଧାବାଲିରେ function କରୁଥିଲେ । ସେଠାକୁ କେହି ଗଲେ ନାହିଁ । ସମସ୍ତେ ସିଂହଦ୍ୱାର ପାଖରେ କୀର୍ତ୍ତନ କଲେ । ସେ ତେବେଳେ ବଡ଼ଦାଣ୍ଡ ପାଖରୁ ସିଂହଦ୍ୱାର ପାଖକୁ କୌଣସି ଗାଡ଼ିକୁ ଛାଡ଼ି ଦେଉନଥିଲେ । ସେତେବେଳେ ସିଂହଦ୍ୱାରର ଚକଡ଼ା ଉପରେ ଆମେ ବସିଥିଲୁ । ସେତିକି ବେଳେ ଗୋଟିଏ ଗାଡ଼ି ଆ ସିଂହଦ୍ୱାର ପାଖରେ ପହଞ୍ଚିଲା । ସେଥିରେ ଲେଖାଯାଇଥିଲା ବିଶ୍ୱ ହିନ୍ଦୁ ପରିଷଦ । ସେଠାରେ ଯେଉଁ ପୋଲିସ କର୍ମଚାରୀ ଥିଲେ ତାଙ୍କୁ ପଚାରିଲୁ ଏ ଗାଡ଼ି କିପରି ଆସିଲା ସେମାନେ କହିଲେ ଏହା ଗୋଟିଏ ଆମ୍ବୁଲାନ୍ସ । ଅବଶ୍ୟ ସେ ଗାଡ଼ିରେ ଛୋଟ ଅକ୍ଷରରେ ଆମ୍ବୁଲାନ୍ସ ବୋଲି ଲେଖା ଯାଇଛି । ସମସ୍ତେ ଭାବିଲେ ବହୁ ଲୋକ ଆସିଛନ୍ତି ତେଣୁ କାହାର କିଛି ଅସୁବିଧା ହେବ ସେଥିପାଇଁ ଆମ୍ବୁଲାନ୍ସ ଆ କିନ୍ତୁ ଘଣ୍ଟାଏ ଦେଢ଼ ଘଣ୍ଟା ପରେ ମଧ୍ୟ କେହି ଲୋକ ଶରଧାବାଲିକୁ ଗଲେ ନାହିଁ । ତା' ପରେ ଦେଖାଗଲା ସେ ଗାଡ଼ିରୁ ହଜାରେ ଦୁଇ ହଜାର ପତାକା ବାହାରିଲା । ଯେତେ ଲୋକ ଥିଲେ ସେମାନଙ୍କୁ କହିଲେ ଶରଧାବାଲିରେ ଖାଇବା ପିଇବା ହେବ ତୁମେ ଆସ । ଏପରି ଗାଡ଼ିରେ ଲେଖାଗଲା ଆମ୍ବୁଲାନ୍ସ ବୋଲି କିନ୍ତୁ ତା ଭିତରେ ଡାକ୍ତର ନାହିଁ ଔଷଧ ପତ୍ର ନାହିଁ କେହି ନାହାନ୍ତି । ତା' ଭିତରୁ ବିଶ୍ୱହିନ୍ଦୁ ପରିଷଦର ପାଞ୍ଚ ହଜାର ପତାକା ବାହାରିଲା ତେଣୁ ସଭା ହେବ ଖାଇବା ପିଇବା ହେବ ଏଭଳି କହି ଲୋକଙ୍କୁ କିଭଳି ପ୍ରତାରିତ କରିଥିଲେ ଏଥିରୁ ଆପଣ ଅନୁମାନ କରିପାରୁଥିବେ ସାର, ଓଡ଼ିଶାରେ କଣ ରାମନବମୀ ବା ରାମଚରିତ ମାନସ ହେଉ ନଥିଲା । ଏବର୍ଷ ଦେଖିବେ ରାମ ନବମୀ ଯେତେବେଳେ ପାଳନ କରାଗଲା ସେତେବେଳେ ବିଶ୍ୱହିନ୍ଦୁ ପରିଷଦ ବା ଲୋକମାନଙ୍କୁ ପତାକା ନେଇ ଯୋଗାଇ ଛନ୍ତି ଓ କହୁଛନ୍ତି ରାମ ନବମୀ ପାଳନ କରିବେ ତେଣୁ ପତାକା ଫେରେ ନଅନ୍ତୁ ଗତ ଉତ୍କଳଦିବସ ଦିନ ମୁଁ ଢେଙ୍କାନାଳ ଯାଇଥିଲି ସେଠି ଜକଠାରୁ ଟାଉନ ହଲକୁ ଗଲାବେଳେ ପ୍ରତ୍ୟେକ ଛାତରେ V. H. ପତାକା ଲାଗିଛି । ସେଠି କହିଲେ କାଲି ରାତିରେ ପତାକା ସବୁ ଆଜି ଲାଗିଛି ଓ କେଉଁଠି ପତାକା ବିକ୍ରୀ ହେଉଛି ଆମ ରାଜ୍ୟରେ ପ୍ରତିବର୍ଷ ଲୋକମାନେ ରାମନବମୀ ପାଳନ କରନ୍ତି । ଓଡ଼ିଶାର ଘର- ଆଜେ ରାମଚରିତ ମାନସ ସବୁବେଳେ ପାଠହୁଏ । ଗାଁ ଗାଁରେ ଯଜ୍ଞ ହୁଏ । କିନ୍ତୁ ରାମନବମୀ V. H. P. ଓ B. J. P. ରାଜନୈତିକ ଦୃଷ୍ଟିଭଙ୍ଗୀରୁ ବର୍ତ୍ତମାନ ଏଭଳିକାର୍ଯ୍ୟ କରିବାପାଇଁ ଚେଷ୍ଟା କରୁଛନ୍ତି । ବର୍ତ୍ତମାନ ରାଜ୍ୟରେ Communalisim ନାହିଁ ବା ସେଥିପାଇଁ ଆଇନର ବ୍ୟବସ୍ଥାନାହିଁ ସେକଥା ନୁହେଁ । Communalisim ଯେଉଁ ସୃଷ୍ଟି କରାଯାଉଛି ତାକୁ ଯଦି ବହୁ ଆଗରୁ ଯଥାଯଥ ଭାବରେ ଅଟକା ନଯିବ ତାହେଲେ ନେଡ଼ିଗୁଡ଼ କହୁଣୀକୁ ବୋହିଗଲା ପରେ ଆଉ ଚେଷ୍ଟାକଲେ ସେକଥା ହୋଇପାରିବନାହିଁ । ତେଣୁ ଏହା ସମୟୋପଯୋଗୀ । ଏହିଥିରେ କୁହାଗଲା individually କ୍ଷତି ହୋଇଯିବ । ଏଥିରେ individually libertyର କ୍ଷତିହେବାର କିଛିନାହିଁ । ଆମର ସାମ୍ବିଧାନିକ ଅଧିକାରଅଛି ତାକୁ ରକ୍ଷା କରିବା ପ୍ରଥମକଥା । ସେଥିପାଇଁ ଆମର preamble କୁହାଯାଇଛି, "we, the people of India, having solemnly resolved to constitute India into a soverign, socialist secular, democratic republic." ଏଥିରେ secularism କଥା କୁହାଯାଇଛି । ଭାରତବର୍ଷରେ ଅଯୋଧ୍ୟାରେ ଯେଉଁ ଘଟଣା ଘଟିଲା ସେଠି ଯେଉଁ ସାମ୍ପ୍ରଦାୟିକ ଶକ୍ତି କାର୍ଯ୍ୟ କଲା, ସେଠି B.J.P. ଯେଉଁ ଘଟଣା ଘଟାଇଲେ ତା'ଛଡ଼ା

Public Information Officer
THE PUBLIC INFORMATION OFFIC

ଏବଂ fanaticsମାନେ ଅଛନ୍ତି ସେ ହିନ୍ଦୁ ହୁଅନ୍ତୁ, ମୁସଲମାନ ହୁଅନ୍ତୁ ବା ଖ୍ରୀଷ୍ଟିଆନ ହୁଅନ୍ତୁ ଏଭଳି ଧର୍ମାନ୍ଧତା ଲୋକଙ୍କୁ ଯଥେଷ୍ଟ ପୂର୍ବରୁ କଟକଣା କରାଯିବା ଦରକାର । ଆପଣ ଦେଖିବେ ଯେଉଁ offence ହେଉଛି ତାହାପାଇଁ ଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି । ଯେ ଦେଶଦ୍ରୋହ କାର୍ଯ୍ୟ କରୁଛି ତା'ପାଇଁ ମଧ୍ୟ ଦଣ୍ଡ ରହିଛି ଏବଂ ଯେ ଅପପ୍ରଚାର କରୁଛି ବା rumour କରୁଛି ଏ ସମସ୍ତ ଦୋଷ-ପାଇଁ ଦଣ୍ଡ ବିଧାନ ଅଛି କିନ୍ତୁ ଏ ସମସ୍ତ କାର୍ଯ୍ୟ କରିବା ପୂର୍ବରୁ ତାକୁ କଟକଣା କରିବାପାଇଁ କୌଣସି ବ୍ୟବସ୍ଥା ଅଛି । ଆପଣ ଦେଖିବେ ଏଭଳି ଯେଉଁ ସାଂପ୍ରଦାୟିକ ଶକ୍ତି ଦେଖାଦେଇଛି ତାକୁ ଆଗରୁ ଅଟକାଇବାପାଇଁ ଆଇନର ବ୍ୟବସ୍ଥା ନଥିଲା । ବର୍ତ୍ତମାନ ଏ ଆଇନ ଆସିଛି ସେଭଳି କାର୍ଯ୍ୟକୁ ଆଗରୁ ରୋକିବାପାଇଁ । ତେଣୁ ଏ ବିଲ୍‌ର ଲକ୍ଷ୍ୟ ହେଲା, "To provide for preventive detention of Communal Offenders with a view to preventing their dangerous activities prejudical to the maintenance of public order and for matters connected therewith or incidental thereto". ତେଣୁ ଏହାର ଲକ୍ଷ୍ୟ ହେଲା ଯେଉଁ Communal Offenders ମାନେ offence କରିବାପାଇଁ ଉଦ୍ୟମ କରିବେ ତାକୁ ଆଗରୁ ଅଟକାଇ ଦିଆଯିବ । ସେହିପରି N. S. A.ରେ ମଧ୍ୟ public order କଥା ରହିଛି । ଏହି ଯେଉଁ ନୂଆ ଆଇନର ବ୍ୟବସ୍ଥା କରାଯାଇଛି ଏଥିରେ ଏଭଳି Communalism force କୁ maximum 3ମାସ ଅଟକ କରି ରଖିବାପାଇଁ ବ୍ୟବସ୍ଥା କରାଯାଇଛି । ଏଥିରେ କୁହାଯାଉଛି individually liberty curtail ହୋଇଯିବ । ଏଥିରେ individually liberty curtail ହେବାର ପ୍ରଶ୍ନ ଉଠୁନାହିଁ । ଯିଏ arrest ହେବ ତାକୁ arrest ହେବାର କାରଣ ଜଣାଇ ଦିଆଯିବ । Exceptional caseରେ 5/10ଦିନ ଡେରି ହୋଇଯିବ । କିନ୍ତୁ ଯେ detention ହେବ ତାକୁ detention ର କାରଣ ଜଣାଇଦିଆଯାଉଛି । ତା ଛଡ଼ା ଜଣେ retired High Court Judge ବା ଜଣେ High Court Judge ଥିବା ବ୍ୟକ୍ତି ବା ସେଭଳି qualification ଥିବା ଲୋକଙ୍କୁ ନେଇ ଗୋଟିଏ board ତିଆରି ହେବ । ସେ board ଏସବୁର ତଦନ୍ତ କରିବେ । ସେହି board 3ସପ୍ତାହ ସମୟ ନେଇ କଡ଼ାକଡ଼ି ଦଣ୍ଡର ବ୍ୟବସ୍ଥା କରିବେ ଏବଂ ଯାହାକୁ detention କରିଛନ୍ତି ସେ ସମ୍ପର୍କରେ 6 ସପ୍ତାହ ମଧ୍ୟରେ ସରକାରଙ୍କୁ ଗୋଟିଏ report ଦେବେ । ତେଣୁ ଏଭଳି ଗୋଟିଏ ଯେଉଁ ବୋର୍ଡ ତିଆରି ହେବ ସେଥିରେ ଏ ସମସ୍ତ କାଗଜପତ୍ର ପେସ୍ କରାଯିବ । N. S. A. ରେ ବର୍ଷକପାଇଁ ଅଟକାଇ ରଖିବାର ବ୍ୟବସ୍ଥା କରାଯାଇଛି । କିନ୍ତୁ ଆମର ଏ ଆଇନର ଯେଉଁ 3ମାସ ପାଇଁ ରଖିବା ବ୍ୟବସ୍ଥା କରାଯାଇଛି ତାହା ଯଥେଷ୍ଟ ନୁହେଁ । ଏହାକୁ 6ମାସ କରାଯାଉ । 3ମାସ ବହୁତ କମ୍ period । ଏହାଦ୍ୱାରା fear psycosis ସୃଷ୍ଟି ହେବନାହିଁ । ତେଣୁ କମ୍‌ସେକମ୍ ସେଭଳି ବ୍ୟକ୍ତିଙ୍କୁ 6ମାସ ରଖାଯିବା ଦରକାର । ଯେଉଁ ବ୍ୟକ୍ତି ବା ଗୋଷ୍ଠୀ ସାମ୍ପ୍ରଦାୟିକତା ବିରୁଦ୍ଧରେ କାର୍ଯ୍ୟ କରିବେ ଆଇନ ଶୃଙ୍ଖଳାକୁ ବ୍ୟାହତ କରିବେ, ସେ ସମସ୍ତଙ୍କୁ ଏହି ଆଇନଦ୍ୱାରା ଅଟକ ରଖାଯିବାର ବ୍ୟବସ୍ଥା କରାଯାଇଛି ।

Sir, ମୁଁ ଏଠି ଗୋଟିଏ suggestion ଦେବାକୁ ଚାହେଁ । ଏଠି ଯେଉଁ ଆଇନରେ ବ୍ୟବସ୍ଥା କରାଗଲା ଯେଉଁମାନେ ସାଂପ୍ରଦାୟିକ ବ୍ୟକ୍ତି ଅଛନ୍ତି ଓ ଯେଉଁମାନେ Communalism କରୁଛନ୍ତି ସେମାନଙ୍କୁ ଆଇନ ଦ୍ୱାରା କେବଳ ଅଟକାଇ ରଖିଦେଲେ ତାହା ଯଥେଷ୍ଟ ହେବନାହିଁ । ସେମାନେ Communalism କାର୍ଯ୍ୟ କଲେ ଯେଉଁ ଲୋକଙ୍କର ଧନସମ୍ପତ୍ତି ନଷ୍ଟକରୁଛନ୍ତି, କାହାର ଘରପୋଡ଼ି ଦେଉଛନ୍ତି, କାହାକୁ ଜୀବନରେ ମାରିଦେଉଛନ୍ତି, ଏ ସମସ୍ତ ଧନସମ୍ପତ୍ତିର ମୂଲ୍ୟ ଯଦି ତାଙ୍କଠାରୁ ଆଦାୟ ନହେବ ତାହେଲେ ଏଭଳି Communalism ବନ୍ଦ ହେବନାହିଁ । ତେଣୁ ମୋର କହିବାର କଥା ଏଥିପାଇଁ କଠୋର କଟକଣା କରାଯାଉ । ଯେଉଁମାନେ ଲୋକଙ୍କର ଧନସମ୍ପତ୍ତି ନଷ୍ଟ କରୁଛନ୍ତି ସେମାନଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତି ଏସମସ୍ତକୁ ବାଜ୍ୟାପ୍ତ କରାଯାଉ ଏବଂ ନଷ୍ଟହେଉଥିବା ସମ୍ପତ୍ତିର ମୂଲ୍ୟ ତାଙ୍କଠାରୁ ଆଦାୟ କରାଯାଉ । ତା'ହେଲେ ଯାଇ ଏହାକୁ ଅଟକା ଯାଇପାରିବ । ମୁଁ ବିଲ୍‌କୁ ସମର୍ଥନ କରୁଛି ।

ଶ୍ରୀ ଦ୍ୱିଜକୃଷ୍ଣ ପଣ୍ଡା : Chairman Sir, ଏହି ଯେଉଁ ବିଲ୍ ଆସିଛି ଏ ବିଲ୍‌ରେ ପ୍ରଥମେ ଉଲ୍ଲେଖ କରାଯାଇଛି ଯେ "To provide for Preventive Detention of Communal Offenders with a view to preventing their dangerous activities prejudicial to the maintenance of public order and for matters connected therewith or incidental thereto". ତେଣୁ "maintenance pablic order and for matters cornected therewith". ଏହି ଜନସ୍ୱାର୍ଥ ସୂଚେଇ ଦେଉଛି ଯେ ଏହା କୌଣସି ordinary କଥା ନୁହେଁ । Even under 144 Cr. P. C. ରେ provision ଅଛି for maintenance of public order and tranquility । ତେଣୁ ମୋର କହିବାର କଥା ଏ ଯେଉଁ communal forces ଏବଂ divisive forces ଅଛି । ସେମାନଙ୍କୁ Preventive କରିବା ପାଇଁ ବ୍ୟବସ୍ଥା ଅଛି । communal forces ମାନେ ଯେଉଁ activities କରିବେ । ଯେଉଁଟା national integration ବିରୁଦ୍ଧରେ ଆସୁଛି, ଯେଉଁଟା ଦେଶକୁ ଖଣ୍ଡ ଖଣ୍ଡ କରିଦେବା ସମ୍ପର୍କରେ ଆସୁଛି, ତାକୁ ବନ୍ଦ କରିବାପାଇଁ ଏବ୍ୟବସ୍ଥା କରାଯାଇଛି । ଯେଉଁ Clandestine forces ଅଛନ୍ତି ସେମାନେ ବିଭିନ୍ନ ଶିକ୍ଷା ଅନୁଷ୍ଠାନମାନଙ୍କରେ ଡ୍ରିଲ, exercise, ବାଡ଼ି ପଟା ଖେଳ ଓ ଆଖଡ଼ା ସାଧନ, ଇତ୍ୟାଦି କାର୍ଯ୍ୟ ଛଦ୍ମବେଶରେ କରୁଛନ୍ତି । ସେଭଳି forcesର activities କୁ ରୋକିବାପାଇଁ ଏଭଳି ବ୍ୟବସ୍ଥା ରଖାଯିବା ଉଚିତ । As I said in A. P. there is also such a Bill which was enacted into act in the year 1984. Therefore what I find is this, we have copied such things in which it has been clearly mentioned that—

Public Information Officer
Legislative Assembly
OF THE PUBLIC INFORMATION OFFICER

"And whereas having regard to the resources and influence of the persons by whom, the large scale on which, and the manner in which, the dangerous activities are being clandestinely organised and carried on in violation of law by Communal Offenders in the State of Andhra Pradesh, it is necessary to have a a special law to provide for preventive detention of communal offenders and for matters connected therewith or incidental thereto." So the head of the Bill shows what is the thrusts and what is the directive of this Bill. The very reading head could have shown what is thrust, what is the directive of this Bill. That should be included.

କେତେକ ମାନ୍ୟବର ସଭ୍ୟ କହୁଛନ୍ତି ଯେ ଓଡ଼ିଶାରେ ଏହିଭଳି କିଛି ଆଇନ ନାହିଁ । ହୋମ୍ ଡିମାଣ୍ଡ୍ ର ଆଲୋଚନା ବେଳେ ମୁଁ କହିଛି ଯେ ଏହିଭଳି ଆଇନ ଆମର ରହିଛି । In presence of Chief Minister I have said that a lot of provison is inI.P.C.-153 (a) and (b). ତାହା ସତ୍ତ୍ୱେ ଆମର ଏଣ୍ଟାୟର୍ ପୋଲିସ୍ ଫୋର୍ସ ର conception, Govt. ର attitude ଏବଂ ରୁଲିଂ ପାର୍ଟିର attitude ଯଦି change ନ ହୁଏ ତା'ହେଲେ ଆମେ ବର୍ତ୍ତମାନ ପରିସ୍ଥିତିର ମୁକାବିଲା କରିପାରିବ ନାହିଁ । Take for example the Saraswnti Sishu Mandir of Cuttack Dist. ତା'ଭିତରେ କଣ ଚାଲିଛି ? Just like ବିରଜା ମନ୍ଦିର । ମୁଁ ନିଜେ ଯାଇ ବୁଲି କରି ଦେଖିଛି, ଅବଶ୍ୟ କମ୍ୟୁନିଷ୍ଟ ପାର୍ଟି ର M.L.A. ହିସାବରେ ନୁହେଁ, C.I.D. ଭାବରେ । ମୁଁ 7 ଦିନଧରି ସେଠାରେ ରହି ଦେଖିଛି । ଯେଉଁ 124 ଟା ରୁମ୍ ଅଛି ସେଥିରେ କେଉଁ ଫୋର୍ସ ରହିଛନ୍ତି ? କେତେ ବାଡ଼ି ସେଠାରେ ରହିଛି ? କେତେ ଖଣ୍ଡା ସେଠାରେ ରହିଛି ? କେତେ କାଣ୍ଡ ସେଠାରେ ରହିଛି ? ଏ ସବୁ କାହିଁକି ସେଠାରେ ରହିଛି ? ଶିଶୁ ମନ୍ଦିରମାନଙ୍କରେ ଏ ସବୁ କାହିଁକି ଚାଲିଛି ? ଗଞ୍ଜାମ ଜିଲ୍ଲାରେ ମଧ୍ୟ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଧର୍ମାନୁଷ୍ଠାନ ନାଁରେ ବହୁତ ଅନୁଷ୍ଠାନ ଖୋଲାଯାଇ ସେ ଭିତରେ ଲୋକମାନଙ୍କୁ ଟ୍ରେନିଂ ଦିଆଯାଉଛି । ଟିଚର୍ ମାନଙ୍କ ଭିତରେ, ଜଜ୍ ମାନଙ୍କ ଭିତରେ, Govt. ଅଫିସର୍‌ମାନଙ୍କ ଭିତରେ, I. A. S. officerମାନଙ୍କ ଭିତରେ ଏ ସମସ୍ତ ଶକ୍ତି ଖେଳାହୋଇ ରହିଛି । ଏହି ପରିସ୍ଥିତିରେ ସେହି offender ମାନଙ୍କୁ ମୁକାବିଲା କରିବା ପାଇଁ ଏ ବିଲ୍ ଆସିଛି । ଏ ବିଲ୍ ମଧ୍ୟ ସେଥିପାଇଁ ଉଦ୍ଦିଷ୍ଟ । ଏଥିରେ ଆମର doubt ନାହିଁ କିନ୍ତୁ ଏହି ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ମୁଁ ଚାହୁଁଥିଲି । I have given an amendment to refer the Bill to Select Committee because that should not be misuse of this provisions of this Bill as huge power has been given to officers to detain a person. ସେଥିପାଇଁ ଏହି ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ମୁଁ ଚାହୁଁଥିଲି । ଏହି ବିଲର Clause 4ରେ ଉଲ୍ଲେଖ ଅଛି ଯେ ' A detention order may be executed at any place in India in the manner provided for the execution of warrents of arrest under the Code of Criminal Procedure, 1973. ଶ୍ରୀ ରାଣା ନାମକ ଜଣେ BJPର M. P. ଓଡ଼ିଶାକୁ ଆସିଥିଲେ । ସେ କାହିଁକି ସୁରଟରୁ ଓଡ଼ିଶାକୁ ଆସିଥିଲେ ? ଗଞ୍ଜାମ ଜିଲ୍ଲାର 25,000 ଶ୍ରମିକ ସୁରଟରେ [illegible] ଆକ୍ରମିତ ହୋଇ ଆସିଥିଲେ । ସେମାନେ ସେଠାର [illegible] ଖେଉଁପର ବର୍ଣ୍ଣନା କଲେ, ପତ୍ର ପତ୍ରିକାରେ ଯେଉଁ [illegible] ପାଇଲି ତାହା ଅତି ଦାରୁଣ ଦାୟକ । ସେଠାରେ ମୁସଲମାନ ବିରୁଦ୍ଧରେ ହିନ୍ଦୁମାନଙ୍କୁ ଏବଂ ହିନ୍ଦୁମାନଙ୍କ ବିରୁଦ୍ଧରେ ମୁସଲମାନମାନଙ୍କୁ ଲଗେଇ ଦଙ୍ଗା ସୃଷ୍ଟି କରାଯାଇଥିଲା । [illegible] ଫ୍ୟାକ୍ଟରୀକୁ ମୁସଲମାନ ଏବଂ ମୁସଲମାନଙ୍କ [illegible] ହିନ୍ଦୁମାନେ ପୋଡ଼ିଦେଇ ଗୁରଖାର କରିଦେଲେ । [illegible] କମ୍ୟୁନାଲ ଫୋର୍ସକୁ ମୁକାବିଲା କରିବାକୁ ହେବ । [illegible] ହିନ୍ଦୁ ହୁଅନ୍ତୁ ବା ମୁସଲମାନ ହୁଅନ୍ତୁ [illegible] କୋହି, ସେମାନଙ୍କର ଯେଉଁ କଥା ଏବଂ [illegible] ଦେଖିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । [illegible] has opened the eyes in Orissa. [illegible] କଏ ? ଏହାପଛରେ କେଉଁମାନେ ରହିଛନ୍ତି ? [illegible] ଅଛନ୍ତି ସେମାନଙ୍କୁ ଏହି Clause- 4 ଅନୁସାରେ detention କରାଯାଇପାରିଥାଆନ୍ତା । ଏଥିପାଇଁ ମୁଁ Government ବିରୁଦ୍ଧରେ charge କରୁଛି ।

(Interruption)

ସାର୍, ମୁଁ ଏଠି କୌଣସି ଲୋକ [illegible] ବିବେକାନନ୍ଦଙ୍କୁ ଆଣି ଥୋଇନାହିଁ । [illegible] କହୁଛି । ତେଣୁ ମୋତେ ଟିକିଏ ସମୟ ଦେନ୍ତୁ ।

ଯେ କୌଣସି କମ୍ୟୁନାଲ୍ ଫୋର୍ସକୁ [illegible] କରିବାକୁ ହେବ । ସେମାନେ ଗଞ୍ଜାମ ଜିଲ୍ଲାକୁ [illegible] ଆସିଲେ । ସେମାନଙ୍କୁ ଧରିବା ପାଇଁ [illegible] ବ୍ୟବସ୍ଥା କରିବାକୁ ହେବ । ମୁଁ ଏଠି [illegible] This Government is complacent about the danger from the communal forces. [illegible] ବିଭିନ୍ନ ନାଁରେ କାର୍ଯ୍ୟକ୍ରମ ଚଳାଉଛନ୍ତି । [illegible], R.S.S. ଏଭଳି ଯେଉଁ ସଂସ୍ଥା ରହିଛି ସେଗୁଡ଼ିକୁ Identify କରିବାକୁ ହେବ ।

(Interruption)

OFFICE OF THE PUBLIC INFORMATION OFFICER, O.L.A.
Public Information Officer
Orissa Legislative Assembly

ସେମାନଙ୍କର ଆଜି ଗୋଟିଏ ସାଇନ୍‌ବୋର୍ଡ ଅଛି ତ କାଲି ଆଉ ଗୋଟିଏ ସାଇନ୍ ବୋର୍ଡ । R. S. S. ବାଲା ଆଗେ ଖାକି ପ୍ୟାଣ୍ଟ ପିନ୍ଧି କସରତ କରୁଥିଲେ । ଆଜି ଧଳା ପ୍ୟାଣ୍ଟ ପିନ୍ଧି କସରତ କରୁଛନ୍ତି । ତାକୁ ମଧ୍ୟ ନଜର କରିବା ଦରକାର । ତେଣୁ ସରକାର should not complacent about them. ରାଜ୍ୟର ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବା ଦରକାର । ଆଉ ଗୋଟିଏ କଥା ହେଲା ଯାହାକି ମହାତ୍ମା ଗାନ୍ଧୀ କହିଥିଲେ religion should be separated from politics. That was the slogan given by Mahatma Gandhi. ତାକୁ ମଧ୍ୟ ଆମେ ପାଳନକରିବା ଦରକାର । ଏଠି ରୁଲିଂ ପାର୍ଟିର ନେତା ଅଛନ୍ତି, ପାର୍ଲିଆମେଣ୍ଟ ଆଫେୟାର୍ସ ମନ୍ତ୍ରୀ ଅଛନ୍ତି ଏବଂ Law Minister ମଧ୍ୟ ଅଛନ୍ତି । ମୁଁ ପଚାରିବାକୁ ଚାହୁଁଛି ଯେ I. P. C. ର ଧାରା 153 (a) and (b) ନିୟମ ଅନୁସାରେ ଯେଉଁମାନେ National Integration ବିରୁଦ୍ଧରେ କାମ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କାହିଁକି Action ନିଆଗଲା ନାହିଁ ? ସେମାନଙ୍କୁ ଡିଟେନ୍‌ସନ୍ କରାଯାଇ ପାରିଥାଆନ୍ତା । ବହୁତ ଆଇନ୍ ଅଛି କିନ୍ତୁ ତାକୁ କାର୍ଯ୍ୟକାରୀ କରିବା ଦରକାର । Implementation is the main thrust. ତେଣୁ ଏ ସମସ୍ତ କ୍ଷେତ୍ରରେ ଜନଚେତନାର ଆବଶ୍ୟକ ପଡୁଛି । ତେଣୁ ପ୍ରଥମେ ଆମକୁ ଜନଚେତନା ସୃଷ୍ଟି କରିବାକୁ ପଡ଼ିବ । The Communist Party h as already started its 'Yatra' to marilain Communal harmony in the State, paticularly in Ganjam district. We should creat consciousness about the Communal harmony among the people. During this jucture we should be united to rouse Communal harmony among people and to fight against the Communal forces. ଚାଲନ୍ତୁ, ଆସନ୍ତୁ କମ୍ୟୁନିଷ୍ଟ ପାର୍ଟି, ଜନତାଦଳ ମିଶିକରି ଗୋଟିଏ ଷ୍ଟିମ୍ କରି ଏହି ସାମ୍ପ୍ରଦାୟିକ ଶକ୍ତି ବିରୁଦ୍ଧରେ ସଂଗ୍ରାମ କରିବା ।

ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ : Chairman Sir, ଭାରତ ବର୍ଷରେ ଏ ପର୍ଯ୍ୟନ୍ତ ଯେତେ ପ୍ରକାର ପ୍ରତିଶୋଧ ମୂଳକ ଆଇନ୍ ପ୍ରଣୟନ ହୋଇଛି ସେ ସବୁ ଗଣତାନ୍ତ୍ରିକ ଚିନ୍ତାଧାରାକୁ ଏବଂ ସାମ୍ବିଧାନିକ ଅଧିକାରକୁ, ଯାହା ଉପରେ କି ଖୁବ୍ ଜୋରରେ ଆଲୋଚନା ଚାଲିଛି ତାକୁ କ୍ଷତ ବିକ୍ଷତ କରିଛି । ଦେଶରେ ଜଣେ ନାଗରିକ ରାମ ଭକ୍ତ ହୋଇପାରେ, ରାବଣ ଭକ୍ତ ହୋଇପାରେ କିନ୍ତୁ ସେହି ନାଗରିକକୁ ରକ୍ଷାକରିବା ସରକାରଙ୍କର କର୍ତ୍ତବ୍ୟ । ଏହା ମଧ୍ୟ ଭାରତ ବର୍ଷର ସମ୍ବିଧାନରେ ପ୍ରଣିତ ହୋଇସାରିଛି । ମୁଁ ଏଠାରେ ଆପଣଙ୍କୁ କହିବାକୁ ଚାହେଁ ଯେ ଅତୀତରେ ଦେଶରେ ଜରୁରୀ ଅବସ୍ଥା ଜାରି ହେଲା । ସେହି ଜରୁରୀ ଅବସ୍ଥା ବେଳେ MISA ନାମକ ଏକ କଳା ଆଇନ ଅଣାଗଲା । ସେ ଆଇନ ବଳରେ ହଜାରହଜାର ଲୋକ ଲକ୍ଷ ଲୋକଙ୍କୁ ଜେଲରେ ରଖାଗଲା । ଯେଉଁମାନେ ଜେଲ୍ ଗଲେ ସେମାନେ କାହାପାଇଁ ଗଲେ ? ସେମାନେ ଗୋଟିଏ ଜାତିର ଏବଂ ଗୋଟିଏ ପରିବାରର ସ୍ୱାର୍ଥ ସାଧନ କରିବାପାଇଁ ଯାଇଥିଲେ । ଜରୁରୀ ଅବସ୍ଥା ସମୟର ସେ କାଳରାତ୍ରୀ କଥା ମାନ୍ୟବର ସଦସ୍ୟମାନେ ଜାଣିଥିବେ । ଅତୀତରେ ଏ ଗୃହକୁ Anti-social Bill ନାମରେ ଏକ Bill ଆଲୋଚନା ପାଇଁ ଆସିଥିଲା । ସେହି Bill ପ୍ରତିରୋଧର ସମ୍ମୁଖୀନ ହୋଇଥିଲା । ମୁଁ ସେତେବେଳେ ସେହି Bill କୁ ପ୍ରତିରୋଧ କରିଥିଲି । ଜନତା ଦଳର ସଭ୍ୟମାନେ ମଧ୍ୟ ତାହାର ବିରୋଧ କରିଥିଲେ । That would have been most draconian law. I have naver seen such draconian law. That was more stringent law than MISA. ଆମର ଯେଉଁ National Security Act ରହିଛି, ସେଥିରେ action ନେବାପାଇଁ କିଛି ଅଭାବ ରହିଛି ବୋଲି ମୁଁ ବୁଝି ପାରୁନାହିଁ । ଆମର ଯେଉଁ I. P. C. ର 153-(a) and 153-(b) ଧାରା ରହିଛି, ଯାହାର କି ଅବତାରଣା ଏ ଗୃହରେ ବର୍ତ୍ତମାନ ହୋଇସାରିଛି ସେଥିରେ ଯାହା ଅଛି ତାହା ଯଥେଷ୍ଟ ନୁହେଁ ବୋଲି କୁହାଯାଉଛି । ଜଣେ ଲୋକକୁ ନୂଆ ବସ୍ତ୍ର ଖଣ୍ଡେ ମିଳିଲେ ତାକୁ ପିନ୍ଧିବା ପାଇଁ ଆଗ୍ରହ କରେ......

ଯଦି ଗୋଟିଏ ନୂଆ ଅସ୍ତ୍ରଟିଏ ଦିଆଗଲା ତାକୁ ପ୍ରୟୋଗ କରିବାକୁ ଇଚ୍ଛା ହେବ । ସେହିପରି ନୂଆ ବନ୍ଧୁକ ଟିଏ ଦେଲେ ସେଥିରେ ଗୁଳି ଫୁଟେଇବାକୁ ଇଚ୍ଛା ହେବ । ତେଣୁ ସମସ୍ତ ଆଇନ୍ ଥିବା ସତ୍ତ୍ୱେ ଏ ଆଇନଟିକୁ ଆଜି ଆମେ ପାସ୍ କରିବାକୁ କାହିଁକି ଯାଉଛୁ । ଏ ଗୃହର ଜଣେ ମାନ୍ୟବର ସଦସ୍ୟଙ୍କୁ ପୋଲିସ୍ ଦ୍ୱାରା ଗାଈ ଗୋରୁଙ୍କୁ ପିଟିଲା ପରି ପିଟାଗଲା । ତା ଫଳରେ ତାଙ୍କର ଦେହ ମୁଣ୍ଡ ସର୍ବାଙ୍ଗ ଫାଟିଗଲା । ତାଙ୍କୁ ସେତେବେଳେ ଆଇନ୍ ଭିତରେ କି protection ମିଳିଲା । ସେ Communal Offenders ନୁହଁନ୍ତି । ତା ସତ୍ତ୍ୱେ ମାନ୍ୟବର ସଭ୍ୟ ଶ୍ରୀ ରାଧାକାନ୍ତ ସେଠୀ ଙ୍କୁ ନେଇକି ବାଡେଇକରି ଜେଲ୍‌ଖାନା ଭିତରେ ରଖାଗଲା ମୁଁ ବୁଝିଛି ଏହା ଏକ ଦୁର୍ଭାଗ୍ୟଜନକ କଥା । ସେତେବେଳେ ସରକାରଙ୍କର ଯେଉଁ attitude ଥିଲା ତାହା ସମସ୍ତେ ଜାଣନ୍ତି । ଏହି ଯେଉଁ ଆଇନ୍ ଆସିଛି ତାକୁ ତର୍ଜମା କରିବାର ଆବଶ୍ୟକତା ରହିଛି ଏବଂ ତର୍ଜମା କରିସାରି ଦେଖିବା କଥା ବ୍ୟକ୍ତିର ସ୍ୱାଧୀନତା ରକ୍ଷା କରିବାପାଇଁ କ'ଣ ବ୍ୟବସ୍ଥା ଅଛି । ଏଠାରେ ଏ ଆଇନର ଆବଶ୍ୟକତା ଅଛି କି ନାହିଁ, ତାହାମଧ୍ୟ ଦେଖିବା କଥା । ଓଡ଼ିଶାରେ ସାଂପ୍ରଦାୟିକବାଦ କେଉଁଠାରେ ଅଛି ମୁଁ ଜାଣେ ନାହିଁ । ଗାଁମାନଙ୍କରେ କାଁ ଭାଁ ଜାତି ଜାତି ଭିତରେ ଗଣ୍ଡଗୋଳ ହୋଇଯାଉଛି । ସେହିପରି ଭଦ୍ରକରେ ଏବଂ କଟକରେ ଗଣ୍ଡଗୋଳ ହୋଇଗଲା । ସାଂପ୍ରଦାୟିକବାଦ ନାଁରେ ଆମେ ଭାରତ ସରକାରଙ୍କ ଠାରୁ ଆଗୁଆ ହୋଇ ଯାଉଛୁ । ଭାରତ ସରକାର ଆମଠାରୁ ପଛେଇ ଯାଇଛନ୍ତି । ସେହିସବୁ ସ୍ୱାଧୀ-

OF THE PUBLIC INFORMATION OFFIC

ମାନଙ୍କରେ ସାଂପ୍ରଦାୟିକ ଦଙ୍ଗା ହୋଇଯାଇଛି ସେଠାରେ ଏ ଆଇନ୍ ହୋଇନାହିଁ କିନ୍ତୁ ଆମ ରାଜ୍ୟରେ ଏ ଆଇନ୍ ହେଉଛି । ବର୍ତ୍ତମାନ judiciary ଉପରେ ଯେଉଁ ମନ୍ତବ୍ୟ ଦିଆଯାଉଛି ତାହା ଏତେ ଦୁର୍ଭାଗ୍ୟଜନକ ଯାହାକୁକି ମୁଁ କଳ୍ପନା କରିପାରୁନାହିଁ । ଏଠାରେ ସବୁବେଳେ judiciary ଉପରେ ଆକ୍ରମଣ ଚାଲିଛି । ବିଚାର ବିଭାଗରେ ଯେଉଁମାନେ ଅଛନ୍ତି ସେମାନେ close door ଭିତରେ ରହିଛନ୍ତି । ସମାଜଭିତରେ ଯେଉଁ ଅବ୍ୟବସ୍ଥା ଏବଂ ନିର୍ଯ୍ୟାତନା ରହିଛି ତାକୁ ସେମାନେ କେଉଁଠି ବୁଝିପାରୁନାହାଁନ୍ତି । ତେଣୁ ସେମାନେ କିଛି ଅନୁଭବ ନକରି law କୁ interpret କରୁଛନ୍ତି ବୋଲି କୁହାଯାଉଛି । ମୁଁ ଜାଣିବାକୁ ଚାହେଁ ଆମେ କଣ ସେ ସ୍ତରକୁ ଯିବା କି ଯେ Judges should believe in the philosophy of the Government and there should be committed Judges. ଯେତେବେଳେ ଯାହାସବୁ ଆଇନ୍ ପାଶ୍ କରାଯିବ ସେତେବେଳେ ତାକୁ ସେମାନେ ସିଲ୍ ମାରିବେ ଏବଂ Govt. ଯାହା କହିବ judge ମାନେ ତାକୁ ମାନିବେ । କିନ୍ତୁ ଏହାକୁ ଭାରତର ନାଗରିକ ପୁରାପୁରି ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି । ତେଣୁ ମୁଁ କହିବାକୁ ଚାହେଁ ଯେଉଁଠି judiciary scrutiny ନରହିବ ସେଠି ସବୁ ସର୍ବନାଶ ହୋଇଯିବ । Supreme Court ର ତତ୍କାଳୀନ judge Justice Khanna ଜରୁରି ଅବସ୍ଥା ଭିତରେ ଯେଉଁ judgement ଦେଲେ ତାହା ଆପଣ ଜାଣିଛନ୍ତି । ସେହି ସମୟରେ Supreme Court ରେ ଗୋଟିଏ କେଶ୍ ପଡ଼ିଥିଲା । ସୁପ୍ରିମ୍ କୋର୍ଟ Bench ରୁ ମତ ଗଲା ଲୋକଙ୍କର ଯେଉଁ ସାମ୍ବିଧାନିକ ଅଧିକାର ଥିଲା ତାକୁ ପ୍ରତ୍ୟାହାର କରାଯାଇଛି & Articles 21 & 22 have been suspended । ମୁଁ ପଚାରିବାକୁ ଚାହେଁ ଯଦି ଜଣେ ଲୋକକୁ ଜଣେ head Constable କୁକୁର ଭଳି ଗୁଳି କରି ମାରିଦିଏ ତା ହେଲେ ତାର Court କୁ ଯିବାର ଅଧିକାର ଅଛି କି ନାହିଁ । Supreme Court ରେ Attorney General କହିଥିଲେ ସେ ଅଧିକାର ଲୋକଙ୍କର ନାହିଁ because all the rights have been withdrawn due to emergency । ସେଥିପାଇଁ ମୁଁ କହିବାକୁ ଚାହେଁ ଏ ଆଇନ୍ ଟିକୁ ପାଶ୍ କଲାବେଳେ ସମସ୍ତଙ୍କ ମନରେ ଯେଉଁ ଆଶଙ୍କା ଅଛି ତାହା ଦୂର କରିବା ଦରକାର । ତାହା ନକରି ନ ଦେଖିଶୁଣି ଜଙ୍ଗଲା ହେଲା ଭଳି କିମ୍ବା ବାହା ବାହା ନେବାପାଇଁ ସାମ୍ପ୍ରଦାୟିକ ସମସ୍ୟା ନ ଥିଲା ବେଳେ ଏ ଆଇନ୍ ଟିକୁ କରିବେ ତା'ହେଲେ ମୋର କିଛି କହିବାର ନାହିଁ । ଭାରତ ବର୍ଷର ଯେଉଁ ସମସ୍ୟା ରହିଛି ସେ ସମସ୍ୟାକୁ ଦେଖିକରି ଆମେ ଆଗୁଆ ପ୍ରସ୍ତୁତ ହୋଇଯିବା ଠିକ୍ ନୁହେଁ । ମୁଁ କହିବାକୁ ଚାହେଁ ଏ ଆଇନ୍‌ର କୌଣସି ପ୍ରକାର ଆବଶ୍ୟକତା ଓଡ଼ିଶାରେ ନାହିଁ । ଏଥିରେ ଯେଉଁ ବିଧି ବ୍ୟବସ୍ଥା ରହିଛି ତାହା ପୁରାପୁରି ଭାବରେ despotic ହୋଇଛି । ଶେଷରେ ମୁଁ କହିବି this is a black law, which should be withrawn.

ଶ୍ରୀ ରାଜେନ୍ଦ୍ର ସିଂ : ଅଧ୍ୟକ୍ଷ ମହାଶୟ, ଆଜି ଯେଉଁ Bill ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରୀ ଆଣିଛନ୍ତି ତାହା ଭାରତ ବର୍ଷପାଇଁ ଏବଂ ଆମ ରାଜ୍ୟପାଇଁ ଅତି ଜରୁରି ଆବଶ୍ୟକତା ଥିଲା । ଏଥିରେ ସନ୍ଦେହ ନାହିଁ । ମୁଁ ଅନେକ ବନ୍ଧୁଙ୍କ ସହିତ ଏକମତ ଯେ ଏହି ବିଲ୍ ଟିକୁ ଆଣିବାରେ ବିଳମ୍ବ ହୋଇ ଯାଇଛି । ଏହି ବିଲ୍ ଟି ଆହୁରି ଆଗରୁ ଆସିବାର ଆବଶ୍ୟକ ଥିଲା । ଯେଉଁମାନେ ଆଜି ଏ ବିଲ୍ କୁ ତର୍ଜମା କରି ବିରୋଧ କରୁଛନ୍ତି ବା ଏହାକୁ Select Committee କୁ ପଠାଇବା ପାଇଁ କହିଛନ୍ତି ସେମାନଙ୍କର ଯେଉଁ ଯୁକ୍ତି ସେହି ଯୁକ୍ତି ସହିତ କେବେହେଲେ କୌଣସି ମନୁଷ୍ୟ ଏକମତ ହୋଇ ପାରିବେ ନାହିଁ, ଯାହାର ଅନ୍ତରରେ ଦେଶପ୍ରେମ ଥିବ । ଏହି ଦେଶର ଗଣତାନ୍ତ୍ରିକ ମାନବିକ ଅଧିକାରକୁ ଓ ସମ୍ପତ୍ତିକୁ ରକ୍ଷା କରିବାପାଇଁ ଚାହୁଁଥିବ, ସେ କେବେହେଲେ ଏହି ବିଲ୍ କୁ ବିରୋଧ କରିବ ନାହିଁ ବା ବିଳମ୍ବିତ କରିବାପାଇଁ ଚେଷ୍ଟା କରିବ ନାହିଁ । ଆଜି ଯେଉଁ ଯୁକ୍ତି ବଢା ଯାଉଛି ଯେ ଓଡ଼ିଶାଭଳି ଏକ ରାଜ୍ୟରେ ଯେଉଁଠି ସାମ୍ପ୍ରଦାୟିକ ଶକ୍ତି ବିଶେଷ ଭାବରେ ଆଗେଇ ନାହିଁ ସେଠି ଏହିଭଳି ଏକ ବିଲ୍ ଆଣିବାର ଆବଶ୍ୟକତା ନାହିଁ । ମୁଁ କହିବି ଯେଉଁମାନେ ଏକଥା କହୁଛନ୍ତି ସେମାନେ ତଳ ସ୍ତରରେ କ'ଣ ଚାଲିଛି ସେଥିପ୍ରତି ନଜର ଦେଇ ନାହାଁନ୍ତି । ଆଜି ଅନେକ ଗୁଡ଼ିଏ ଅନୁଷ୍ଠାନକୁ ବେଆଇନ ଘୋଷଣା କରାଯାଇଛି । ଡିସେମ୍ବର 6ରେ ମସ୍‌ଜିଦ୍ ଭଙ୍ଗା ହେବାପରେ ଓଡ଼ିଶାରେ ସାମ୍ପ୍ରଦାୟିକ ଗଣ୍ଡଗୋଳ କରିବାପାଇଁ ଉଦ୍ୟମ କରାଗଲା । ସେହି ଉଦ୍ୟମ ପରେ ଆଜି କେତୋଟି ସଙ୍ଗଠନ ବେଆଇନ୍ ଘୋଷଣା କରାଯାଇଛି । ଆପଣ ଶୁଣିଲେ ଆଶ୍ଚର୍ଯ୍ୟ ହେବେ R. S. S.କୁ ବେଆଇନ ଘୋଷଣା କଲାପରେ ଏବେ Ram Seva Sangatana ଗଠନ ହୋଇ ଗଲାଣି । କେବଳ signboard ବଦଳିଛି । କିନ୍ତୁ ସେହି ଲୋକ ସେହି ନେତା, ସେହି ବାଡ଼ି ଖେଳ ଚାଲିଛି ଏବଂ କୁହାଯାଉଛି "ଗର୍ବ ସେ କହୋ ହମ ହିନ୍ଦୁ ହେଁ" । ଠିକ ସେହିଭଳି ଭାବେ ଯେଉଁ ସଂଘ କରାଯାଇଥିଲା ସେହି ପରିବାର ସାମ୍ପ୍ରଦାୟିକ ବିଷ ପ୍ରସାର କରିବାପାଇଁ ତାକୁ ଆହୁରି activise କରାଯାଇଛି । ସାରା ଓଡିଶାରେ ଅତି କମ୍‌ରେ ସରସ୍ୱତୀ ଶିଶୁ ମନ୍ଦିର ଭଳି 100ଟି branch ଥିବ । ସେହି ସବୁ ଶିକ୍ଷାନୁଷ୍ଠାନରେ ଯାହାଯାହା ଚାଲିଛି ଆପଣ ତାହା କଳ୍ପନା କରି ପାରିବେ ନାହିଁ । ଏ ଗୋଟିଏ ଅନୁଷ୍ଠାନ ଯାହା ଜରିଆରେ ଛୋଟ ଛୋଟ ପିଲାମାନଙ୍କ ମନରେ ସାମ୍ପ୍ରଦାୟିକ ବିଷ ଭର୍ତ୍ତି କରା ଯାଉଛି । ସେଠି କେବଳ ଯେଉଁ ବେକମନ୍ଧ ଶିକ୍ଷା ଦିଆଯାଉଥିଲା ସେତିକିରେ ସେମାନେ କ୍ଷାନ୍ତ ନୁହଁନ୍ତି । ଅଯୋଧ୍ୟାରେ ସାଧୁ ସନ୍ଥମାନେ କିଭଳି ଭାବରେ ମସ୍‌ଜିଦ୍ ଭାଙ୍ଗୁଛନ୍ତି ଏବଂ ଏହା ପୂର୍ବରୁ V. P. Sing ସରକାର ଥିଲାବେଳେ ସାଧୁ ସନ୍ଥଙ୍କ ଉପରେ କିଭଳି ଗୁଳି କରାଯାଇଥିଲା ସେଗୁଡ଼ିକ ସବୁ Video Cassettes ଜରିଆରେ ଦେଖା ହେଉଛି । କେବଳ ଛାତ୍ରମାନଙ୍କୁ ଦେଖା ହେଉଛି ତାହା ନୁହେଁ, ସେମାନଙ୍କର ଅଭିଭାବକମାନଙ୍କୁ ମଧ୍ୟ ଦେଖା ହେଉଛି । ଆଜି ସଂଘ ପରିବାରର ପ୍ରତ୍ୟେକ ଲୋକ ଏହି କାର୍ଯ୍ୟରେ ଲିପ୍ତ ରହିଛନ୍ତି । ସେମାନେ ଏତିକିରେ ସନ୍ତୁଷ୍ଟ ନୁହଁନ୍ତି । ଯେଉଁଠାରେ ରାମଲୀଲା ସମିତି ଅଛି ସେଠାରେ ସେମାନେ ଅଜାଣତ ଭାବରେ ପ୍ରବେଶ କରୁଛନ୍ତି ଏବଂ କହୁଛନ୍ତି ଆମେ ଆପଣଙ୍କୁ ସାହାଯ୍ୟ କରିବୁ

Public Information Officer
Odisha Legislative Assembly

ଏବଂ ତାପରେ ସେଠାରେ ଅନ୍ନଛତ୍ର ଖୋଲିଦେଉଛନ୍ତି । ଯେଉଁମାନେ ବିରୋଧ କରୁଛନ୍ତି ସେମାନେ କିଏ ? ସେମାନେ ହେଉଛନ୍ତି ଯେଉଁ-ମାନେ କହନ୍ତି 'ବୋଲ ବମ୍ କାମରେ କରନ୍ତୁ, ଏକ କିଲୋକ ନଶୋ ଗ୍ରାମ, ଜୟ ଶ୍ରୀରାମ'' ଯେଉଁମାନେ ଗୋଟିଏ କେ. ଜି. ଗୁଡ଼ଲକୁ 100 ଗ୍ରାମ୍‌ରେ ବିକ୍ରି କରନ୍ତି ସେମାନେ ଏହାକୁ ବିରୋଧ କରୁଛନ୍ତି ।

ଯେଉଁମାନେ ଏହାକୁ ବିରୋଧ କରିବେ ସେମାନେ ଗୋଟିଏ k. g.କୁ 900 ଗ୍ରାମ କରି ଦିଅନ୍ତି ଏବଂ ଜୟ ଶ୍ରୀରାମ କୁହନ୍ତି । ଆଜି ମୁଁ କହିଦେବାକୁ ଚାହେଁ ସେମାନେ ଏବେ ମଧ୍ୟ ସନ୍ଦିଗ୍ଧ ଅଛନ୍ତି । ସେମାନେ କେବଳ ହିନ୍ଦୁ ବଜାରରେ ସନ୍ଦିଗ୍ଧ ନାହାନ୍ତି, ଗାଁ ଗହ୍ୱରରେ ପଶିବା ପାଇଁ ଉଦ୍ୟମ କରୁଛନ୍ତି । ଭାରତୀୟ ଜନତା ପାର୍ଟି ଏକ ରାଜନୈତିକ ଦଳ ନୁହେଁ କି ଭବିଷ୍ୟତରେ ହେବ ନାହିଁ । ଭାରତୀୟ ଜନତା ପାର୍ଟି ସଂଘ ପରିବାରର ଏକ spokesman ଡାଲମିଆଁ ଯାହା କହିବେ ସେମାନେ କେବଳ ସେହି କଥା ବିଧାନ ସଭାରେ କହିବେ । ନିଜ କଥା କେବେହେଲେ କହିବେ ନାହିଁ । ଆମର ମୁଖ୍ୟ ସଚେତକ କହିଲେ secularismକୁ ଧ୍ୱଂସ କରିବାପାଇଁ ଚେଷ୍ଟା କରାଯାଉଛି । କିନ୍ତୁ ମୁଁ କହିବି secularismକୁ ଧ୍ୱଂସ କରିବାକୁ ନୁହେଁ ଏହାଦ୍ୱାରା ଦେଶକୁ ଧ୍ୱଂସ କରିବା ପାଇଁ ଆମର ସଂସ୍କୃତିକୁ ଧ୍ୱଂସ କରିବାପାଇଁ ଏବଂ ଆମର ସଂହତିକୁ ହତ୍ୟା କରିବାପାଇଁ ଚେଷ୍ଟା ଚାଲିଛି । ହିନ୍ଦୁ ରାଷ୍ଟ୍ର ଗଠନ ନାମରେ ଦେଶକୁ ଖଣ୍ଡ ଖଣ୍ଡ କରିବା ପାଇଁ ଚକ୍ରାନ୍ତ ଚାଲିଛି । ଯେଉଁମାନେ ହିନ୍ଦୁ ରାଷ୍ଟ୍ର ଗଠନ କରିବା ପାଇଁ ଚେଷ୍ଟା କରୁଛନ୍ତି, ସେମାନେ କହୁଛନ୍ତି ଜଗନ୍ନାଥ ମନ୍ଦିର ଭିତରେ ଅଛୁଆଁ ପ୍ରବେଶ କରିପାରିବେ ନାହିଁ । ତେବେ କ'ଣ ହାଡ଼ି, କଣ୍ଡରା, ପାଣ ଇତ୍ୟାଦି ହିନ୍ଦୁ ନୁହେଁ । ଆପଣ ନିଜେ ଦୟାକରି ବିଚାର କରନ୍ତୁ । ଯେଉଁମାନେ ଭାରତ ବର୍ଷକୁ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବାପାଇଁ ଚେଷ୍ଟା କରୁଛନ୍ତି ସେମାନେ ଆଜି ଏହି Billକୁ ବିରୋଧ କରୁଛନ୍ତି । ଯଦି ଭାରତ ବର୍ଷରେ ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ହେବ ତେବେ ଖଲିସ୍ତାନ କାହିଁକି ପ୍ରତିଷ୍ଠା ନହେବ ? ଆଜି ଝାଡ଼ଖଣ୍ଡ ବାଲା ଆଦିବାସୀମାନଙ୍କୁ ବଣକୁ ତଡ଼ିଦେଇ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଦାବି କରୁଛନ୍ତି । ତାଙ୍କର ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟ କାହିଁକି ପ୍ରତିଷ୍ଠା ନ ହେବ ? ଏ ପ୍ରଶ୍ନର ଉତ୍ତର ଆମକୁ, ଏ ଗୃହକୁ, ଭାରତ ବର୍ଷର ଓ ଓଡ଼ିଶାର କୋଟି କୋଟି ଜନସାଧାରଣଙ୍କୁ ଦେବାକୁ ହେବ । ରାମଙ୍କ ନାମରେ ଭାରତ ବର୍ଷକୁ ଖଣ୍ଡ ଖଣ୍ଡ କରିବାକୁ ଚେଷ୍ଟା କରାଯାଉଛି । କିନ୍ତୁ ରାମଙ୍କ ଗାଥା କ'ଣ ଥିଲା ? ପ୍ରାଣ ଯାଉପଛେ, ବଚନ ନଯାଉ । ଶ୍ରୀ ଲାଲକୃଷ୍ଣ ଆଡଭାନୀ ସମ୍ବିଧାନକୁ ରକ୍ଷା କରିବାପାଇଁ paria-mentରେ ଶପଥ ନେଇଥିଲେହେଁ, ଶ୍ରୀମତୀ ବିଜୟରାଜେ ସିନ୍ଧିଆ ସମ୍ବିଧାନକୁ ରକ୍ଷା କରିବା ପାଇଁ parliamentରେ ଶପଥ ନେଇଥିଲେ ହେଁ ଅଯୋଧ୍ୟାରେ ସମ୍ବିଧାନକୁ ଭାଙ୍ଗିଛନ୍ତି କି ନାହିଁ ବର୍ତ୍ତମାନ ଅବସ୍ଥାରେ ସେମାନଙ୍କ ମନରେ ହୃତ୍‌କମ୍ପ ସୃଷ୍ଟି ହୋଇଛି । ମୁଁ ଆପଣଙ୍କର ଆଉ ବେଶି ସମୟ ନେବି ନାହିଁ । ଶ୍ରେଷ୍ଠ ପିଲାମାନଙ୍କ ପାଇଁ ମୁଁ ଗୋଟିଏ କୋରସ ମୁଁ ଲେଖିଛି, ତାହା ପଢି ଏଠାରେ ଶୁଣାଇ ମୋର ବକ୍ତବ୍ୟ ଶେଷ କରିବି । ସମ୍ବିଧାନକୁ ରକ୍ଷା କରିବାକୁ ହେଲେ ଆମକୁ ଏହି Bil Pass କରିବାକୁ ପଡ଼ିବ । ବର୍ତ୍ତମାନର ପରିସ୍ଥିତିରେ ଏହି Billରେ ଯଥେଷ୍ଟ ଆବଶ୍ୟକତା ରହିଛି । ଯେଉଁମାନେ ଦେଶକୁ ଭାଗ ଭାଗ କରିବାପାଇଁ ଚେଷ୍ଟା କରୁଛନ୍ତି ତାଙ୍କ ବିରୁଦ୍ଧରେ ଶ୍ରୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଏହା ହେବ ଏକ ଯୁଦ୍ଧ ଘୋଷଣା ।

ଆମେ ସବୁ ହିନ୍ଦୁ ଭାଇ
କିନ୍ତୁ ଆମ ମନ୍ଦିରରେ ଅଛୁଆଁ ପଶିବେ ନାହିଁ
ପାଠୁଆ ଶାଠୁଆ ଟୋକା ବିହିପ ଦେଶ
ପୁରୋହିତ ମାନୁନାହିଁ—ଜାତି ଅଟକ
ଶୁଦ୍ଧି ଶ୍ରାଦ୍ଧେ ବାପ ଅଜା ନରକରୁ ସ୍ୱର୍ଗ ଯାଇ
ଆମେ ସବୁ ହିନ୍ଦୁ ଭାଇ......

୨ । ବିଧବା ହେବନି ବିଷ ହିବଣ ଖାଏ
ସତୀଦାହ ଚାଲୁକର ଶଙ୍କର କହେ
ହାଡ଼ିଆ ପାଟକ ଯେତେ ଶୂଦ୍ର ଜାତି ଦୂରେ ରହି
ଆମେ ସବୁ ହିନ୍ଦୁ ଭାଇ..

୩ । ବେଦମାତୃ ଖାଇ ଖାଇ କେତେ ସୈତାନ
କେତେ ହେଲେ ମୁସଲମାନ କେତେ ଖ୍ରୀଷ୍ଟାନ୍
ତଥାପି ଧର୍ମାନ୍ଧ ଧ୍ୱଜା ଉଡ଼େ ଫର ଫର ହୋଇ
ନିର୍ଲଜ କହନ୍ତି ଗୈରିକ ଉଡ଼େ ଫର ଫର ହୋଇ
ଆମେ ସବୁ ହିନ୍ଦୁ ଭାଇ..

୪ । ମାଡ଼ ମାରି ଚାନ୍ଦା ନେବୁ ଠାକୁର ପାଇଁ
ଇଟା ଦିଅ ରକ୍ତ ଦିଅ ମନ୍ଦିର ପାଇଁ
ହିନ୍ଦୁ ରାଷ୍ଟ୍ର ନିଶ୍ଚେ ହେବ ବିଧର୍ମୀ ରହିବେ ନାହିଁ
ଆମେ ସବୁ ହିନ୍ଦୁ ଭାଇ..

୫ । ହେ ମୁସଲମାନ ।
ପାକିସ୍ତାନେ ଶୁଅନ୍ତି ସୁନା ପଲଙ୍କେ ?
ହେ ହିନ୍ଦୁ ।
ହିନ୍ଦୁ ରାଷ୍ଟ୍ର ନେପାଳରେ ମରନ୍ତି କି ଭୋକେ ?
ଅସାଧୁ-ଅସନ୍ଥ ଧର୍ମାନ୍ଧଙ୍କ ମେଣ୍ଢା ବଳୀ ପାଇଁ
ଆମେ ସବୁ ହିନ୍ଦୁ ଭାଇ..

୬ । ସଇତାନ କହେ ମାର ଗାନ୍ଧୀ—ଆମ୍ବେଦକର
ମାର ସୁଭାଷ ଭାଙ୍ଗ ମେଣ୍ଢ ନିରପେକ୍ଷତାର
ଜାତି ହିଂସା—ଧର୍ମ ହିଂସା ଜନତା ଦିଏ ବଢ଼ାଇ
ଆମେ ସବୁ ହିନ୍ଦୁ ଭାଇ..
କିନ୍ତୁ ଆମ ମନ୍ଦିରରେ ଶୂଦ୍ର ପଶିବେ ନାହିଁ ।

Public Information Officer
Odisha Legislative Assembly
OF THE PUBLIC INFORMATION OFFI

ଶ୍ରୀ ପ୍ରେମାନନ୍ଦ ବିଶ୍ୱାଳ : Chairman Sir, The Orissa Prevention of Dangerous Activities and Communal Offenders Bill 1993 ଏ ଗୃହକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଯେଉଁ ଆଣିଛନ୍ତି ତାର ଆବଶ୍ୟକତା ବହୁତ ବେଶି । ଡିସେମ୍ବର 6 ତାରିଖ ଦିନ ଯେଉଁ ଘଟଣା ଘଟିଲା ତା ପରେ ଏହି Bill ର ବହୁତ ଆବଶ୍ୟକତା ବଢ଼ି ଯାଇଛି । ଡିସେମ୍ବର 6 ତାରିଖରେ ଯେଉଁ ପରିସ୍ଥିତି ହେଲା ସେ ପରିସ୍ଥିତି ପାଇଁ ସାମ୍ପ୍ରଦାୟିକ ଦଳମାନେ ହିଁ ଦାୟୀ । ଏ କଥା ସମସ୍ତେ ଜାଣନ୍ତି । ଆଜି ଆଲୋଚନା କରି ଜୁନାଗଡର ସଭ୍ୟ କହୁଥିଲେ ମସ୍‌ଜିଦ୍ ଭଙ୍ଗା ଯାଇ ନାହିଁ । ସେମାନେ କୁଆଡେ଼ ରାମଲାଲଙ୍କୁ ପୂଜା କରୁଥିଲେ । ରାମଲାଲଙ୍କ ପୂଜା କରୁଥିଲାବେଳେ ମସ୍‌ଜିଦ୍ ଭାଙ୍ଗିବାର ଆବଶ୍ୟକତା କେଉଁଠୁ ଆସିଲା । ଧର୍ମ ନାମରେ ଭାରତବର୍ଷର ଏକତା, ଧର୍ମ ନିରପେକ୍ଷତା ଧ୍ୱଂସ କରିବା ପାଇଁ ଉଦ୍ୟମ କରାଗଲା । ସମ୍ବିଧାନକୁ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ରକ୍ଷା କରି ପାରିଲେ ନାହିଁ । ତେଣୁ ଭାରତବର୍ଷରେ ଏହିଭଳି ଏକ ପରିସ୍ଥିତି ସୃଷ୍ଟି ହୋଇଛି । ଏହି ସାମ୍ପ୍ରଦାୟିକ ଶକ୍ତିମାନେ ବିଭିନ୍ନ ବାଟରେ ସେମାନଙ୍କର ମୁଣ୍ଡ ଟେକୁଛନ୍ତି ଓ ଭାରତବର୍ଷର ସଂହତି ଓ ଏକତାକୁ ଧ୍ୱଂସ କରି ଧର୍ମ ନାମରେ ଶାସନକୁ ଆସିବା ପାଇଁ ଚେଷ୍ଟା କରୁଛନ୍ତି । ଦଳ ହିସାବରେ ଯଦି କୁହାଯାଏ କଂଗ୍ରେସ ଦଳ ବହୁଦିନ ଧରି ଦେଶର ଶାସନ ଗାଦିରେ ରହିଛି । କିନ୍ତୁ କଂଗ୍ରେସ ଦଳ ଧର୍ମରେ ବିଶ୍ୱାସ କରେ ନାହିଁ ବୋଲି ସେମାନେ କହୁଛନ୍ତି । ଯଦି କଂଗ୍ରେସ ଦଳ ଧର୍ମରେ ବିଶ୍ୱାସ କରେ ନାହିଁ ତେବେ ଦୀର୍ଘ ଦୁଇ ବର୍ଷ ଧରି ରାମାୟଣ ସିରିଏଲକୁ କିଏ T. V. ଜରିଆରେ ପ୍ରଦର୍ଶନ କରିଥିଲେ । ତେଣୁ ସେ ଏପରି ଯେଉଁ ଯୁକ୍ତି କରିଛନ୍ତି ତାହା ଠିକ୍ ନୁହେଁ । ସେ କଂଗ୍ରେସ ଦଳ ହେଉ ବା ଜନତା ଦଳ ହେଉ, ସବୁ ଦଳରେ କିଛି ଧର୍ମ ବିଶ୍ୱାସୀ ଲୋକ ରହିଛନ୍ତି । କିନ୍ତୁ ସେମାନେ ଧର୍ମକୁ ଭିତ୍ତି କରି ଭାରତବର୍ଷରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ଯେଉଁ ଉଦ୍ୟମ କରୁଛନ୍ତି ତାହା ଏକ ବିପଦଜନକ ପରିସ୍ଥିତି ଓ ସେହି ବିପଦଜନକ ପରିସ୍ଥିତି ସମୟରେ ସେମାନେ ଗୋଟିଏ ଫାଇଦା ନେଉଛନ୍ତି, ମନ୍ଦିର ଭାଙ୍ଗିଛନ୍ତି, ଯଦ୍ୱାରା ତାଙ୍କର ଲାଭ ହେବ କି କ୍ଷତି ହେବ ସେମାନେ ତାର ହିସାବ କରୁ ନାହାନ୍ତି । ଆପଣ ଜାଣନ୍ତି ଭାରତବର୍ଷ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ଯେଉଁଠାରେ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ପୂଜା ପର୍ବ ଓ ଯାତ୍ରା ଉତ୍ସବ ଲାଗି ରହିଥାଏ । ସେହି ଯାତ୍ରା ଉତ୍ସବକୁ ଆଖି ଆଗରେ ରଖି ସେହି ସାମ୍ପ୍ରଦାୟିକ ଶକ୍ତିମାନେ ଆକସ୍ମିକ ଭାବରେ ଏକ ବିପଦଜନକ ପରିସ୍ଥିତି ସୃଷ୍ଟି କରିବା ପାଇଁ ମଧ୍ୟ ଯୋଜନା କରୁଛନ୍ତି । ଧରନ୍ତୁ ଗୋଟିଏ ଜାଗାରେ ଜଗନ୍ନାଥଙ୍କ ଯାତ୍ରା ହେଉଛି ବା ନିକଟରେ ରାମନବମୀ ଯାତ୍ରା ଦୀର୍ଘ 6/7 ଦିନ ଧରି ଚାଲିଥିଲା, ସେ ଯାତ୍ରାରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ସେହି ସାମ୍ପ୍ରଦାୟିକ ଗୁଣ୍ଡାମାନେ ଯଦି ଅର୍ଦ୍ଧରାତ୍ରରେ ଅକସ୍ମାତ ଭାବରେ ଗୋଟିଏ ବୋମା ସେଠାରେ ପକାଇ ଦିଅନ୍ତି ବା ସେଠାରେ ଗୁଜବ ସୃଷ୍ଟି କରି ଆନ୍ଦୋଳନ କରନ୍ତି ତେବେ ସେ କୌଣସି ଲୋକ ତାର ଭଲ ମନ୍ଦକୁ ବିଚାର ନକରି ସେଠାରେ ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି କରିବ ଓ ତାହାକୁ କେନ୍ଦ୍ର କରି ସେ ସ୍ଥାନରେ ଏକ ଭୟାବହ ପରିସ୍ଥିତି ସୃଷ୍ଟି ହେବ । ତେଣୁ ଏହିଭଳି ଅଲଗାବାଦ କାର୍ଯ୍ୟ କରିବା ପାଇଁ ବିଭିନ୍ନ ବାଟରେ ସେମାନେ ଯେଉଁ ଉଦ୍ୟମ କରୁଛନ୍ତି, ତାହାକୁ ରୋକିବା ପାଇଁ ଏ ଯେଉଁ Bill ଆସିଛି ତାହା ସ୍ୱାଗତ-ଯୋଗ୍ୟ ଏବଂ ଏହା ଜରିଆରେ ସେଭଳି ସାମ୍ପ୍ରଦାୟିକ ଶକ୍ତିଙ୍କୁ ନିଶ୍ଚିତ ଭାବରେ ଦମନ କରାଯାଇ ପାରିବ । ମାନ୍ୟବର ସଭ୍ୟମାନେ କହୁଛନ୍ତି ଯେ ଆମର N. S. A., M. I. S. S. A., C. R. P. C. ଓ I. P. C. ଇତ୍ୟାଦିରେ ବିଭିନ୍ନ ବ୍ୟବସ୍ଥା ରହିଛି । କିନ୍ତୁ ଯେଉଁମାନେ ସାମ୍ପ୍ରଦାୟିକ ଗୁଣ୍ଡା ବା ଯେଉଁମାନେ ଏଭଳି କାର୍ଯ୍ୟ କରିବାର ଆଶଙ୍କା ରହିଛି ତାଙ୍କୁ କିଭଳି ଭାବରେ ଅଟକ କରାଯିବ ସେଥିପାଇଁ ଏହି Prevention of Dangerows Activity of Communal Offenders Bill ଅଣାଯାଇଛି । ଏହାର ଆବଶ୍ୟକତା ଆଜି ଯଥେଷ୍ଟ ରହିଛି । ମୋ ପୂର୍ବରୁ ମାନ୍ୟବର ସରକାରୀ ଦଳର ମୁଖ୍ୟ ସଚେତକ ଯାହା କହୁଥିଲେ ପ୍ରତିବର୍ଷ ସାଧାରଣ ଭାବରେ ରାମନବମୀ ଯାତ୍ରା ହେଉଥିଲା । ଚଳିତବର୍ଷ ମଧ୍ୟ ହେଲା କିନ୍ତୁ ଚଳିତବର୍ଷ ଆପଣ ଦେଖିବେ ଡିସେମ୍ବର 6 ତାରିଖ ଘଟଣା ପରେ ବିଭିନ୍ନ ସାମ୍ପ୍ରଦାୟିକ ସଂସ୍ଥାକୁ ଯେଉଁଭଳି ଭାବରେ ଦେଶରେ ବେଆଇନ କରାଗଲା ସେମାନେ ଛଦ୍ମ ନାମରେ ମଧ୍ୟ ଗ୍ରାମାଞ୍ଚଳରେ ତାଙ୍କର କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଉଦ୍ୟମ କରିଛନ୍ତି । ଚଳିତବର୍ଷ ଅନ୍ୟାନ୍ୟ ବର୍ଷ ପରି ଆମ ଅଞ୍ଚଳରେ ମଧ୍ୟ ରାମନବମୀ ଯାତ୍ରା ହୋଇଥିଲା । ଲୋକମାନେ ସେଠାରେ ବହୁ ସମାରୋହରେ ସେ ଯାତ୍ରା କରିଛନ୍ତି । କିନ୍ତୁ ଏଥର R. S. S. ଓ ବିଶ୍ୱ ହିନ୍ଦୁ ପରିଷଦର କର୍ମୀମାନେ ଗୋଷ୍ଠୀ ବାନ୍ଧି Jeep ରେ ବୋଝେଇ ହୋଇ ଗେରୁଆ ପତାକା ଯେପରି ଘରେ ଘରେ ବୁଲି ବାଣ୍ଟିଲେ ନିର୍ବାଚନ ସମୟରେ ସେମାନେ ଯେପରି କାର୍ଯ୍ୟ କରନ୍ତି ସେପରି କରୁଥିବାପରି ଜଣାଗଲା । ସେମାନେ ଏହି ବାଟରେ ଲୋକମାନଙ୍କୁ ସାମ୍ପ୍ରଦାୟିକତାର ଦାସତ୍ୱ ବା Spiritual enslavery କରିବା ପାଇଁ ସେମାନେ ଉଦ୍ୟମ କରୁଛନ୍ତି । ତେଣୁ ଆଜି ଏ Billର ଆବଶ୍ୟକତା ନିଶ୍ଚିତ ଭାବରେ ଅଛି । ଏହି ଢାଞ୍ଚାରେ କେନ୍ଦ୍ର ସରକାର ମଧ୍ୟ ଲୋକସଭାରେ ଏକ Bill ଆଣିଛନ୍ତି । ବର୍ତ୍ତମାନ ଲୋକସଭା ବନ୍ଦ ଅଛି, ପରବର୍ତ୍ତୀ ସମୟରେ ଲୋକସଭା ବସିଲେ ନିଶ୍ଚିତ ଭାବରେ ତାହା Pass ହେବ ତେଣୁ ବର୍ତ୍ତମାନ ଭାରତବର୍ଷର ସଂହତି ଓ ଏକତାକୁ ସାମ୍ପ୍ରଦାୟିକ ଗୁଣ୍ଡାଙ୍କ ଜରିଆରେ ନଷ୍ଟ କରିବା ପାଇଁ କେତେକ ଗୋଷ୍ଠୀ ପକ୍ଷରୁ ଯେଉଁ ଚେଷ୍ଟା କରାଯାଉଛି ତାକୁ ରୋକିବା ପାଇଁ ସରକାର ଆଜି ଏ ଯେଉଁ Bill ଆଣିଛନ୍ତି ମୁଁ ତାକୁ ସମର୍ଥନ କରୁଛି ।

ଶ୍ରୀ ଜୁଏଲ ଓରାମ : Chairman Sir, ଆଜି ଏ ଗୃହରେ ଯେଉଁ The Orissa Prevention of Dangerous Activities of Communal Offenderes Bill, 1993 ଯାହା ଆସିଛି ତାକୁ ମୁଁ ସମର୍ଥନ କରିପାରୁ ନାହିଁ । Sir, ମୁଁ ମୂଳରୁ ବସିକରି ଏଠାରେ ବଡ଼ ବଡ଼ ନେତାମାନଙ୍କର ଯୁକ୍ତିକୁ ଶୁଣୁଥିଲି । ଏଠାରେ ଜନତାଦଳ କଂଗ୍ରେସ ଦଳ ଓ କମ୍ୟୁନିଷ୍ଟ ଦଳର ନେତାମାନଙ୍କର ଯୁକ୍ତିକୁ ମୁଁ ଶୁଣୁଥିଲି । ଏହିସବୁ ଯୁକ୍ତି ଛଳରେ ସେମାନେ ଯେଉଁସବୁ କଥା କହିଗଲେ ମୁଁ ଆଶ୍ଚର୍ଯ୍ୟ ହେଲି ଧର୍ମନିରପେକ୍ଷ ମାନେ ସେମାନେ କ'ଣ ବୁଝୁଛନ୍ତି ଏବଂ

Public Information Officer
Legislative Assembly

ଆମେ ଧର୍ମନିରପେକ୍ଷ ର ମାନେ କ'ଣ ବୁଝୁ । ଏ ଦେଶରେ ନେତାଙ୍କ ଅଭାବ ନାହିଁ, କଥର ଅଭାବ ନାହିଁ କିନ୍ତୁ ନୈତିକତାର ଅଭାବ ରହିଛି । ଆପଣମାନଙ୍କର ଏଠାରେ Majority ରହିଛି ଓ ତା' ଜରିଆରେ ଆପଣମାନେ ଏଠାରେ ଏ Billଟିକୁ Pass କରାଇ-ନେବେ । କିନ୍ତୁ ଆପଣମାନେ ପ୍ରକୃତରେ ଏହାକୁ ପାଳନ କରି-ପାରିଲେ ମୁଁ କହିବି ଆପଣମାନେ ମରଦ୍ କା ବଚ୍ଚା । ଏଠାରେ ଇତିହାସ ସାକ୍ଷୀ ଅଛି । ଆପଣମାନେ ଏଠାରେ Supreme Court କଥା କହୁଛନ୍ତି । କିନ୍ତୁ ସାହାବାନୁ Caseରେ କଂଗ୍ରେସ ଦଳ ନେତାମାନେ କ'ଣ ଶୋଇ ପଡ଼ିଥିଲେ ? ଅନ୍ୟ ରାଜନୈତିକ ଦଳର ଲୋକମାନେ କ'ଣ ଶୋଇ ପଡ଼ିଥିଲେ ? ସେତେବେଳେ କହିଲେ କ'ଣ ନା ତାହା ଅଲଗା କଥା । ଆମର 3ଟା ମାଇକିନା ରହିବ ଓ ଆମେ 30ଟି ଛୁଆ କରିପାରିବୁ । ଆମ ପ୍ରତି Family Planning ଲାଗୁ ହେବ ନାହିଁ । ସେ ଢଙ୍ଗରେ ଆପଣ କିଛିତ କରି ପାରିଲେ ନାହିଁ । ମୁଁ ଗୋଟିଏ Conditionରେ ଏ Billକୁ ସମର୍ଥନ କରିପାରେ । ଆପଣ ଜାମ୍ମୁ କାଶ୍ମୀରରେ ଏହାକୁ ଲାଗୁକରାଇ ପାରିବେ କି ?

ଶ୍ରୀ ଅଜୟ କୁମାର ଜେନା : Point of order, ମାନ୍ୟବର ସଭ୍ୟ ଶ୍ରୀ କୃପାଲ ଓରାମ କହିଲାବେଳେ କହିଲେ ମର୍ଦ୍ଦକା ବଚ୍ଚା ଏହା ଆକ୍ଷେପମୂଳକ, ତେଣୁ Proceedingରେ ରହିବ କି ନାହିଁ ମୁଁ ନିର୍ଦ୍ଦିଷ୍ଟ ruling ଚାହୁଁଛି ।

Mr. CHAIRMAN (Shri R.K. Ram) : ତାକୁ ପରୀକ୍ଷା କରି ଦେଖାଯିବ । ଯଦି ଏହା ଆକ୍ଷେପମୂଳକ ହୋଇଛି ବୋଲି ଚିନ୍ତା କରାଯିବ ତା'ହେଲେ ତାକୁ ବାଦ୍ ଦିଆଯିବ ।

ଶ୍ରୀ କୃପାଲ ଓରାମ : ଆପଣମାନେ ହିନ୍ଦୁ, ହିନ୍ଦୁ କହି କହିଗଲେ, ମୁଁ ଟିକେ କହିଲି ଆପଣଙ୍କୁ ଦୁଃଖ ଲାଗୁଛି । ମୁଁ ମର୍ଦ୍ଦ ବୋଲି କହୁଛି ମୁଁ ତାକୁ ପ୍ରମାଣ କରିଦେବି ।

ମାନ୍ୟବର ସଭ୍ୟ ଶ୍ରୀ ଅଶୋକ ଦାସ କହୁଥିଲେ ହିନ୍ଦୁ, ମୁସଲିମ୍ ସମସ୍ତଙ୍କ ପାଇଁ ଏ ଆଇନ ଲାଗୁ ହେବ ଆପଣ କାହିଁକି ବ୍ୟସ୍ତ ହେଉଛନ୍ତି । ଆଇନ ପ୍ରଣୟନ କରିବା ବଡ଼ କଥା ନୁହେଁ 123ଜଣ ଆପଣଙ୍କର Member ଅଛନ୍ତି । ତାଲି ବାଡ଼େଇ ଏ ଆଇନ ପାଶ୍ ହୋଇଯିବ । ମୁଁ ଏଠି କହିବାକୁ ଚାହେଁ, ଆଇନ ପାଶ୍ ହୋଇଛି, ଆମ ରାଜ୍ୟରେ ଗୋ ହତ୍ୟା ହେବ ନାହିଁ । ସେ ଆଇନ କାର୍ଯ୍ୟକାରୀ ହୋଇଛି । ଗୋହତ୍ୟା ହେଉନାହିଁ କି ? କେତେ ଗାଈ ଆମର Smuggling ହେଉଛି ଆପଣ କହିବେ । ମୁଁ ପଚାରିବାକୁ ଚାହେଁ ଆପଣ କେତୋଟି Missionary High Schoolକୁ take up କରିଛନ୍ତି ? ଆପଣ ତାକୁ ନେବା ପାଇଁ ଦମ୍ ଅଛି । ଜନତା ସରକାର ହେଉ କିମ୍ବା କଂଗ୍ରେସ ସରକାର ହେଉ ତାକୁ କେହି ନେଇ ପାରିବେ ? ଅନ୍ୟମାନେ ଯେଉଁ Private Institution ଖୋଲିଥାନ୍ତି କିଛି ବର୍ଷ ପରେ ସରକାର ତାକୁ take up କରିବେ । ପୁରା ଦରମା ଦେବେ ଏବଂ ତାଙ୍କ ମାଷ୍ଟରଙ୍କୁ ଏପାଖ ସେପାଖ କରିବେ । ମିସନାରୀ ସ୍କୁଲ କିମ୍ବା ମୁସଲମାନଙ୍କ ଦ୍ୱାରା ଖୋଲାଯାଇଥିବା Institution ଆପଣ ଛୁଇଁ ପାରିବେ ? ପୁରା ଦରମା ଦେବେ ତାଙ୍କ ମାଷ୍ଟରମାନଙ୍କୁ, ଆପଣ ବଦଳି କରିପାରିବେ ? ଏଠି ଧର୍ମ ନିରପେକ୍ଷତା କଥାରୁ ମାନି ନାହାନ୍ତି କାହିଁକି ? ମୁଁ ସାହାବାନୋ କଥା କହିଲି । ଆପଣମାନେ ଧର୍ମ ନିରପେକ୍ଷତା କଥା କହୁଛନ୍ତି, anti-social communal କଥା କହୁଛନ୍ତି, ଏ କଥା ପାଇଁ ଜାମ୍ମୁ କାଶ୍ମୀର କାହିଁକି ଯାଉନାହାନ୍ତି । ସେନାଦଳକୁ ନେଇ ଯାଇ ନାହାନ୍ତି ଦେଖିବା ଆପଣଙ୍କ କେତେ ବଳ ଅଛି । ମାନ୍ୟବର ସଭ୍ୟ ଦ୍ୟୁତିକୃଷ୍ଣ ପଣ୍ଡା କହିଲେ ଆମେ ସହଯୋଗ ଯାହା କରିବୁ । ଆମେ ଜାଣୁ କି ଯାହା ଆପଣ କରିବେ ଏବଂ ଏଥିପାଇଁ ଆପଣଙ୍କ କେତେ ଦମ୍ ଅଛି । ମୁଁ ଏଠି କହିବାକୁ ଚାହେଁ ଜାତିର ପିତା ମହାତ୍ମା ଗାନ୍ଧୀ କହିଥିଲେ ତାଙ୍କର ଜୀବନ ଅବସ୍ଥାରେ ଭାରତବର୍ଷ ଦୁଇ ଭାଗ ହୋଇ ପାରିବ ନାହିଁ । ପଣ୍ଡିତଜୀ କହିଥିଲେ ସେଟା ହେଉଛି fantastic ଏବଂ nonsence ପରିକଳ୍ପନା । ରାଜେନ୍ଦ୍ର ପ୍ରସାଦ India dividedରେ ଲେଖିଥିଲେ ଏହା କେବେ ସମ୍ଭବ ନୁହେଁ, କିନ୍ତୁ ଏହା ହେଲାତ, ଭାରତ ପାକିସ୍ତାନ ହୋଇପାରିଲାତ । ଏ ଯେଉଁ Prevention of Dangerous Activities of Communal Offenders Bill ଆଣିଛନ୍ତି ସେ ବିଷୟରେ ନ କହି unnessary B. J. P., R. S. S., ବିଶ୍ୱ ହିନ୍ଦୁ ପରିଷଦକୁ ନିନ୍ଦା କରୁଛନ୍ତି ।

(Interruption)

